# ECHO OF HIS CALL

ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି **ODIA**

ECHO OF HIS CALL 1969-2019 GOLDEN JUBILEE

*India's National Spiritual Newspaper* ₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

**Editor : S. SAM SELVA RAJ** **16 Languages** **Associate Editor : Sis. Surama Samuel**

**Vol. XXII** YEAR OF OUR LORD JESUS CHRIST, 2020 APRIL, MAY, JUNE **No. 5**


## ପବିତ୍ର ବାଇବଲ

**(ଦୟାକରି ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)**

**ସଦାପ୍ରଭୁଙ୍କର ପ୍ରଶଂସା କର ।**

**(ଗୀତସଂହିତା ୩୭:୧–୯)**

୧. ତୁମ୍ଭେ ଦୁଷ୍କର୍ମକାରୀମାନଙ୍କ ସକାଶୁ ଆପଣାକୁ ବିରକ୍ତ କର ନାହିଁ, କିଅବା ଅଧର୍ମାଚାରୀମାନଙ୍କ ପ୍ରତି ଈର୍ଷାଭାବ ବହ ନାହିଁ ।

୨. କାରଣ ସେମାନେ ଘାସ ପରି ଶୀଘ୍ର କଟା ଯିବେ ଓ କୋମଳ ତୃଣ ପରି ଶୁଷ୍କ ହେବେ ।

୩. ସଦାପ୍ରଭୁଙ୍କଠାରେ ନିର୍ଭର ରଖି ସୁକର୍ମ କର ; ଦେଶରେ ବାସ କରି ବିଶ୍ୱସ୍ତତାର ଅନୁଗାମୀ ହୁଅ ।

୪. ମଧ୍ୟ ସଦାପ୍ରଭୁଙ୍କଠାରେ ଆନନ୍ଦ କର ; ତହିଁରେ ସେ ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରିବେ ।

୫. ସଦାପ୍ରଭୁଙ୍କଠାରେ ତୁମ୍ଭର ଗତି ସମର୍ପଣ କର ; ମଧ୍ୟ ତାହାଙ୍କଠାରେ ନିର୍ଭର ରଖ, ତହିଁରେ ସେ ତାହା ସଫଳ କରିବେ ।

୬. ଆଉ, ସେ ଦିପ୍ତୀ ତୁଲ୍ୟ ତୁମ୍ଭର ଧର୍ମ ଓ ମଧ୍ୟାହ୍ନ ତୁଲ୍ୟ ତୁମ୍ଭର ବିଚାର ପ୍ରକାଶ କରାଇବେ ।

୭. ସଦାପ୍ରଭୁଙ୍କଠାରେ ସୁସ୍ଥିର ହୁଅ ଓ ଧୈର୍ଯ୍ୟ ଧରି ତାହାଙ୍କ ଅପେକ୍ଷାରେ ରୁହ ; ଯେ ନିଜ ମାର୍ଗରେ କୃତକାର୍ଯ୍ୟ ହୁଏ, ଯେଉଁ ଜନ କୁସଂକଳ୍ପ ସାଧନ କରେ, ତାହା ସକାଶୁ ଆପଣାକୁ ବିରକ୍ତ କର ନାହିଁ ।

୮. କ୍ରୋଧରୁ କ୍ଷାନ୍ତ ହୁଅ ଓ କୋପ ତ୍ୟାଗ କର ; ଆପଣାକୁ ବିରକ୍ତ କର ନାହିଁ, ତାହା କେବଳ ଦୁଷ୍କର୍ମ କରିବାକୁ ପ୍ରବର୍ତ୍ତାଏ ।

୯. କାରଣ ଦୁଷ୍କର୍ମକାରୀମାନେ ଉଚ୍ଛିନ୍ନ ହେବେ ; ମାତ୍ର ସଦାପ୍ରଭୁଙ୍କ ଅପେକ୍ଷାକାରୀମାନେ ଦେଶାଧିକାରୀ ହେବେ ।

# ଦୃଶ୍ୟ ପଛରେ କାର୍ଯ୍ୟ କରୁଥିବା ଈଶ୍ୱର

## THE LORD GOD WHO WORKS BEHIND THE SCENE!

**''କାରଣ ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେମାନେ ବାୟୁ ଦେଖିବ ନାହିଁ, ଅବା ତୁମ୍ଭେମାନେ ବୃଷ୍ଟି ଦେଖିବ ନାହିଁ । ତଥାପି ସେହି ଉପତ୍ୟକା ଜଳରେ ପରିପୂର୍ଣ୍ଣ ହେବ, ତହିଁରେ ତୁମ୍ଭେମାନେ ପାନ କରିବ, ତୁମ୍ଭେମାନେ ଓ ତୁମ୍ଭମାନଙ୍କ ଗୋମେଷାଦି ଓ ତୁମ୍ଭମାନଙ୍କର ପଶୁ ସମସ୍ତେ'' (୨ ରାଜାବଳି ୩:୧୭) ।**

**ଆଞ୍ଜେଲିନ୍ ଏସ୍. ହେନରୀ**

ଈଶ୍ୱରଙ୍କ ମାର୍ଗଗୁଡ଼ିକ ରହସ୍ୟମୟ ଅଟେ ! ସେ ଏପରି ଜଣେ ଈଶ୍ୱର ଯିଏ ନିଜ କାର୍ଯ୍ୟର ନକଲ କରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତି ସହିତ ତାଙ୍କର ସଂପର୍କ ରଖିବାର ମାର୍ଗ ଅସାଧାରଣ ଅଟେ । ଯଦିଓ ଏହା ସମାନ ଆବଶ୍ୟକତା / ସମସ୍ୟା ଥାଏ, ତଥାପି ଏହାକୁ ସମାଧାନ କରିବାର ମାର୍ଗ ପ୍ରତ୍ୟେକଥର ଭିନ୍ନ ଅଟେ । ଅନେକ ଥର, ଆମେ ଗୋଟିଏ ନିର୍ଦ୍ଦିଷ୍ଟ ମନୋଭାବ ସହିତ ଈଶ୍ୱରଙ୍କ ନିକଟକୁ ଆସୁ ଓ ସେ ଏ ନିର୍ଦ୍ଦିଷ୍ଟ ମାର୍ଗରେ କାର୍ଯ୍ୟ କରନ୍ତୁ ବୋଲି ଆଶା କରୁ । ଯେତେବେଳେ ସେ ଆମର ମାଗିବା ଅନୁସାରେ କାର୍ଯ୍ୟ କରନ୍ତି ନାହିଁ, ସେତେବେଳେ ଆମେ ନିରାଶ ଓ ନିରୁତ୍ସାହିତ ହେଉ । ଆମେ ସେହି ଈଶ୍ୱରଙ୍କୁ ଦେଖିବାରେ ବିଫଳ ହେଉ, ଯିଏ ଦୃଶ୍ୟ ପଛରେ କାର୍ଯ୍ୟ କରନ୍ତି । ଆମେ ପ୍ରାର୍ଥନା କରିବା ସମୟରେ, ଆମେ ଉତ୍ତର ଉପରେ ମନୋନିବେଶ କରିବା ଆବଶ୍ୟକ, ଉତ୍ତରର ମାଧ୍ୟମ ଉପରେ ନୁହେଁ । କାରଣ ୨ ରାଜାବଳି ୩:୧୭ରେ ଲେଖାଯାଏ, ''*... ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେମାନେ ବାୟୁ ଦେଖିବ ନାହିଁ ଅବା ତୁମ୍ଭେମାନେ ବୃଷ୍ଟି ଦେଖିବ ନାହିଁ । ତଥାପି ସେହି ଉପତ୍ୟକା ଜଳରେ ପରିପୂର୍ଣ୍ଣ ହେବ ।*'' ଆମର ବୃଷ୍ଟି, କିମ୍ବା ପବନ, କିମ୍ବା କାକର କିମ୍ବା ଜଳର ଏକ ଝଲକ ମଧ୍ୟ ଦେଖିବାର ଆବଶ୍ୟକତା ନାହିଁ । ଆମର ଉପତ୍ୟକା ଯେ ପ୍ରଭାତ ସମୟରେ ଜଳରେ ପରିପୂର୍ଣ୍ଣ ହୋଇଥିବ – ଏହା କେବଳ ଆମର ଦେଖିବା ଆବଶ୍ୟକ !

ପ୍ରଥମ ଇଷ୍ଟର ଦୃଶ୍ୟର ପ୍ରଚ୍ଛଦପଟ୍ଟରେ କାର୍ଯ୍ୟ କରୁଥିବା ଈଶ୍ୱରଙ୍କର ଏକ ଦୃଷ୍ଟାନ୍ତମୂଳକ ନିଦର୍ଶନ ଥିଲା – ଏହା ଅନ୍ଧକାର, ମନ୍ଦ ଓ ଆଲୋକ ରହିତ ଥିଲା ଓ ଚତୁର୍ଦ୍ଦିଗରେ ନୈରାଶ୍ୟ ଓ ଭୟ ବ୍ୟତୀତ ଅନ୍ୟ କିଛି ନ ଥିଲା । ଲୋକମାନେ ଏତେ ଭୟଭୀତ ଥିଲେ ଯେ ସେମାନଙ୍କ ଗୃହ ମଧ୍ୟରୁ ବାହାରୁ ନ ଥିଲେ । ଶିଷ୍ୟମାନେ ରୁଦ୍ଧ ଦ୍ୱାର ଭିତରେ ଥିଲେ । ସେମାନେ ଯାହାଙ୍କୁ ବିଶ୍ୱାସ କରୁଥିଲେ, ସେମାନଙ୍କର ସେହି ଏକମାତ୍ର ନେତା କ୍ରୁଶାର୍ପିତ ହୋଇଥିଲେ । ବର୍ତ୍ତମାନ ଆଉ କାହାର ପାଳି ପଡ଼ିପାରେ । ସେହି ସଂପୂର୍ଣ୍ଣ ନୈରାଶ୍ୟଜନକ ପରିସ୍ଥିତିରେ, କେତେ ଜଣ ଗୁରୁତ୍ୱହୀନ, ଦୁର୍ବଳ ଓ ଦୀନହୀନ ସ୍ତ୍ରୀ ଅତି ପ୍ରତ୍ୟୁଷରୁ ଉଠି ସେମାନଙ୍କ ପ୍ରଭୁଙ୍କୁ ସାକ୍ଷାତ୍ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ ।

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

**★ ୨୦୧୯ – ସ୍ୱର୍ଣ୍ଣ ଜୟନ୍ତୀ ବର୍ଷ ★**

Touching Lives by Teaching.....Since 1969.

# ଆହ୍ୱାନର ପ୍ରତିଧ୍ୱନି

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS






**''...କୁଶଳରେ ଯାଅ, ଯାହା ତୁମ୍ଭେ ମାଗିଲ, ଇସ୍ରାଏଲର ପରମେଶ୍ୱର ତୁମ୍ଭର ସେହି ନିବେଦନ ଅନୁସାରେ ତୁମ୍ଭକୁ ଦିଅନ୍ତୁ'' (୧ ଶାମୁ ୧:୧୭) ।**

## ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଅତୁଳନୀୟ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।

ଦିନଗୁଡ଼ିକ କ୍ଷିପ୍ରଭାବରେ ଅତିକ୍ରାନ୍ତ ହେଉଅଛି । ଆମେ ଏହି ବର୍ଷର ପ୍ରାୟ ଏକ ଚତୁର୍ଥାଂଶ ଭାଗ କାଟିସାରିଛୁ । ତଥାପି ଆମର ଦାୟିତ୍ୱଗୁଡ଼ିକ ବୃଦ୍ଧି ପାଇବାରେ ଲାଗିଛି । ଆମକୁ କୌରସି ପ୍ରକାରେ ସମଗ୍ର ପୃଥିବୀରେ ଥିବା ସୁସମାଚାର ବିହୀନ ଲୋକମାନଙ୍କ ନିକଟକୁ ପହଞ୍ଚିବାକୁ ହେବ ।

ଲୋକମାନଙ୍କ ମଧ୍ୟରୁ ଗୋଟିଏ ଦଳ ସୁସମାଚାର ଶୁଣି ନାହାଁନ୍ତି । ମାତ୍ର ଏପରି ଦଳେ ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ଦର୍ଶନପ୍ରାପ୍ତ ହୋଇ ସାରିଥିଲେ ସୁଦ୍ଧା ସ୍ଥିର ଭାବରେ ଠିଆ ହୁଅନ୍ତି ନାହିଁ । ମଣ୍ଡଳୀଗୁଡ଼ିକ ସେମାନଙ୍କର ଦାୟିତ୍ୱକୁ ଭୁଲିଯାଇ ବ୍ୟବସାୟ ଭିତ୍ତିରେ କାର୍ଯ୍ୟ କରି ଚାଲିଛନ୍ତି ।

''ଦେଶ ମଧ୍ୟରେ ଗୋଟିଏ ଆଶ୍ଚର୍ଯ୍ୟ ଓ ଭୟାନକ ବିଷୟ ବିଷୟ ଘଟିଅଛି, ଭବିଷ୍ୟଦବକ୍ତାମାନେ ମିଥ୍ୟା ଭବିଷ୍ୟଦବାକ୍ୟ ପ୍ରଚାର କରନ୍ତି ଓ ସେମାନଙ୍କ ଦ୍ୱାରା ଯାଜକମାନେ କର୍ତ୍ତୃତ୍ୱ କରନ୍ତି, ପୁଣି, ଆମ୍ଭର ଲୋକମାନେ ଏପରି ହେବାର ଭଲ ପାଆନ୍ତି, ମାତ୍ର ତହିଁର ଶେଷରେ ତୁମ୍ଭେମାନେ କ'ଣ କରିବ ?'' (ଯିରିମିୟ ୫:୩୦,୩୧) ।

''ଯେଉଁ ସମୟରେ କେହି କର୍ମ କରିପାରେ ନାହିଁ, ଏପରି ରାତ୍ରି ଆସୁଅଛି'' (ଯୋହନ ୯:୪) । ''ଯେବେ ତୁମ୍ଭେ ପଦାତିକଗଣର ସଙ୍ଗେ ଦୌଡ଼ିଲେ ସେମାନେ ତୁମ୍ଭକୁ କ୍ଳାନ୍ତ କରିଅଛନ୍ତି, ତେବେ ତୁମ୍ଭେ ଅଶ୍ୱଗଣ ସଙ୍ଗରେ କିପରି ପଣ କରିପାରିବ ? ପୁଣି, ଯଦ୍ୟପି ଶାନ୍ତିର ଦେଶରେ ନିର୍ଭୟ ହୁଅ, ତଥାପି ଯର୍ଦ୍ଦନର ଦର୍ପ-ସ୍ଥାନରେ ତୁମ୍ଭେ କଅଣ କରିବ ? (ଯିରିମିୟ ୧୨:୫) । ''କାରଣ ଆମ୍ଭ ଲୋକମାନଙ୍କ ମଧ୍ୟରେ ଦୁଷ୍ଟ ଲୋକ ଦେଖାଯାଆନ୍ତି, ସେମାନେ ବ୍ୟାଧା ତୁଲ୍ୟ ଛକି ବସି ଜଗନ୍ତି, ସେମାନେ ଫାନ୍ଦ ପାତି ମନୁଷ୍ୟ ଧରନ୍ତି'' (ଯିରିମିୟ ୫:୨୬) । ''ଯେହେତୁ ସେମାନଙ୍କର କ୍ଷୁଦ୍ରଠାରୁ ଅତ୍ୟନ୍ତ ମହାନ୍ ଲୋକ ପର୍ଯ୍ୟନ୍ତ ପ୍ରତ୍ୟେକେ ଲୋଭାସକ୍ତ, ପୁଣି, ଭବିଷ୍ୟଦବକ୍ତାଠାରୁ ଯାଜକ ପର୍ଯ୍ୟନ୍ତ ପ୍ରତ୍ୟେକେ ମିଥ୍ୟାଚରଣ କରନ୍ତି । ଆହୁରି ଶାନ୍ତି ନ ଥିଲେ ହେଁ ସେମାନେ ଶାନ୍ତି ଶାନ୍ତି ବୋଲି କହି ଆମ୍ଭ ଲୋକମାନଙ୍କ କ୍ଷତ ହାଲୁକା ଭାବରେ ସୁସ୍ଥ କରିଛନ୍ତି'' (ଯିରିମିୟ ୬:୧୩,୧୪) । ''ତୁମ୍ଭେମାନେ ପଥମାନର ମଧ୍ୟରେ ଠିଆ ହୋଇ ଦେଖ, ଆଉ ପୁରାତନ ପଥମାନର ବିଷୟ ପଚାରି କୁହ, ଉତ୍ତମ ପଥ କାହିଁ ? ଓ ତହିଁରେ ଗମନ କର, ତେବେ ତୁମ୍ଭେମାନେ ଆପଣା ଆପଣା ପ୍ରାଣରେ ବିଶ୍ରାମ ପାଇବ, ମାତ୍ର ସେମାନେ କହିଲେ, ଆମ୍ଭେମାନେ ତହିଁରେ ଗମନ କରିବା ନାହିଁ'' (ଯିରିମିୟ ୬:୧୬) ।

ଏହି ସ୍ଥାନରେ, ଆମଠାରେ ଥିବା ଦୃଢ଼ ପ୍ରତ୍ୟୟ ସହିତ, ଖ୍ରୀଷ୍ଟଙ୍କର ପ୍ରେମ ଆମକୁ ସୁସମାଚାର ପ୍ରଚାର କରିବା ପାଇଁ ବାଧ୍ୟ କରୁଅଛି (୨ କରିନ୍ଥୀୟ ୫:୧୪) । ଆମକୁ ହାତରେ ସୁସମାଚାର ଧରି ଜଗତ ମଧ୍ୟକୁ ଯିବାକୁ ହେବ । ଆମକୁ ଆମ ପରିବାର ଓ ପ୍ରତିବେଶୀମାନଙ୍କ ନିକଟରେ ଦୃଢ଼ ଭାବରେ ଏହା କହିବାକୁ ହେବ ଯେ ଅତିଶୀଘ୍ର ଈଶ୍ୱରଙ୍କ ବିଚାର ଓ ଈଶ୍ୱରଙ୍କ ଅନନ୍ତ ରାଜ୍ୟ ଉପସ୍ଥିତ ହେବାକୁ ଯାଉଛି । ଆମକୁ ସମଗ୍ର ଜଗତର ସମସ୍ତ ଲୋକଙ୍କ ନିକଟରେ ସମଗ୍ର ସୁସମାଚାର ଘୋଷଣା କରିବାକୁ ହେବ ।

ଗୋଟିଏ ବିଶ୍ୱାସୀ ମଣ୍ଡଳୀ ସହିତ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଗୀର୍ଜ୍ଜାଗୃହରେ ବାସ କରିବା ଯଥେଷ୍ଟ ହେଲାଣି । ଆମେ କ'ଣ ସେହି ଅଧିକାଂଶ ଲୋକମାନଙ୍କର ଆସନ୍ନ ବିନାଶ ବିଷୟରେ ଚିନ୍ତା କରୁ ନାହୁଁ, ଯେଉଁମାନେ ସତ୍ୟ ଜାଣି ନାହାଁନ୍ତି ଓ ବିନାଶ ଦିଗକୁ କ୍ଷିପ୍ରଭାବରେ ଅଗ୍ରସର ହେଉଛନ୍ତି ।

ବାହାରକୁ ଆସନ୍ତୁ ଓ ବର୍ତ୍ତମାନ ଯୁଗର ଲୋକମାନଙ୍କ ନିକଟରେ ଯୀଶୁ ଖ୍ରୀଷ୍ଟଙ୍କ ଶକ୍ତି ଓ ସାର୍ବଭୌମତ୍ୱକୁ ଘୋଷଣା କରନ୍ତୁ । ଯେଉଁ ଶତ୍ରୁ ଏକ ଭୟଙ୍କର ମାର୍ଗରେ ଉଠିଅଛି, ଈଶ୍ୱର ତା'ର ପ୍ରତିକାର କରୁଛନ୍ତି । ଏହା ବିଶ୍ରାମର ସମୟ ନୁହେଁ

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**ADMINISTRATION**
Bro. N. Prakasam, M.A., General Manager
**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.
**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.
Bro. Rajeswaran Samuel, B.Com.

**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
**Phone :** (+91-44) 2852 8282
2852 9293, 2854 7766
**Email :** sam@echoofhiscall.org
biblecor@yahoo.co.in
**Websites :**
www.echoofhiscall.org
www.echoofhiscall.com

**Our Ministries:** ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners Village English High School Crusades 100 Prayer Warriors Community Development

ଓ ସମସ୍ତଙ୍କୁ ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ହେବ । ଯେ କୌଣସି ମାଧ୍ୟମରେ, ଯେ କୌଣସି ମୂଲ୍ୟ ବିନିମୟରେ, ଯେ କୌଣସି ମାର୍ଗରେ – ଆଗକୁ ଆସନ୍ତୁ ଓ ଅନ୍ତତଃ କେତେ ଜଣଙ୍କୁ ବିନାଶରୁ ରକ୍ଷା କରନ୍ତୁ ।

ହେ ଈଶ୍ୱରଙ୍କ ଲୋକମାନେ, ଯେଉଁମାନେ ଈଶ୍ୱରଙ୍କ ସେବା କରିବା ପାଇଁ ଦର୍ଶନ ପାଇଛନ୍ତି, ମାତ୍ର ଗୀର୍ଜା ଗୃହ, ପ୍ରଶାସନ ଓ ଜଗତ ଭିତରେ ବନ୍ଦ ହୋଇ ରହିଛନ୍ତି, ଆପଣମାନେ ବାହାରି ଆସନ୍ତୁ ଓ ଈଶ୍ୱରଙ୍କ ସେବା ପାଇଁ ଆପଣମାନଙ୍କର ସମସ୍ତ ଶରୀର, ପ୍ରାଣ ଓ ଆତ୍ମାକୁ ଉତ୍ସର୍ଗ କରନ୍ତୁ ।

ଆମ ସମ୍ମୁଖରେ ପ୍ରଚୁର ଶସ୍ୟ ଅଛି । ଯେଉଁ ଲୋକମାନେ ଈଶ୍ୱରଙ୍କ ସେବାରେ ଅଗ୍ରସର ହୋଇପାରିବେ, ସେମାନଙ୍କର ଆବଶ୍ୟକତା ଅଛି । ଆପଣଙ୍କର ଜୀବନକାଳ ସମାପ୍ତ ହେବା ପୂର୍ବରୁ ଓ ସୁଯୋଗ ହାତ ଛଡ଼ା ହେବା ପୂର୍ବରୁ ତାଙ୍କ ପାଇଁ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତୁ । ସୁସମାଚାରର ପ୍ରସାର ଆଜିର ଜରୁରୀ କାର୍ଯ୍ୟ ଅଟେ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକ,**
**ଏସ୍.ସାମ୍.ସେଲ୍ଭାରାଜ**

## କିଏ ପଥର ଗଡ଼ାଇ ଦେବ ?

କିନ୍ତୁ ସେମାନେ ସମସ୍ତେ ସେମାନଙ୍କ ନିଜସ୍ୱ ସମସ୍ୟା ଓ ଭବିଷ୍ୟତ୍‌ର ଭୟ ଦ୍ୱାରା ଧୃତ ହୋଇଥିଲେ । ହଁ, ସେହି ସ୍ତ୍ରୀ ଲୋକମାନେ ଏପରି ଜଣେ ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବାକୁ ଯାଉଥିଲେ, ଯିଏ ମୃତମାନଙ୍କ ମଧ୍ୟରୁ ଜୀବିତ ହୋଇଥିଲେ, ସେମାନେ ଏପରି ଜଣେ ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବାକୁ ଯାଉଥିଲେ, ଯିଏ ୫ଟି ରୋଟୀ ଓ ୨ଟି ମାଛ ଦ୍ୱାରା ୫୦୦୦ ଲୋକଙ୍କୁ ଭୋଜନ କରାଉଥିଲେ । ମାତ୍ର ସେମାନେ ସେମାନଙ୍କ ନିଜସ୍ୱ ଚିନ୍ତା ଓ ଉଦ୍‌ବେଗର ଜାଲରେ ଛନ୍ଦି ହୋଇଯାଇଥିଲେ । ଅନେକ ସମୟରେ ଆମେ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଆସୁ, ମାତ୍ର ଆମର ସମସ୍ୟା ଓ ଯୁଦ୍ଧ ଦ୍ୱାରା ଧୃତ ହୋଇଥାଉ । ସେହି ସକାଳେ ସେମାନଙ୍କର ସମସ୍ୟା କ'ଣ ଥିଲା ? ''କିଏ ଆମ ପାଇଁ ପ୍ରସ୍ତରଟିକୁ ଗଡ଼ାଇ ଦେବ ?''

ବେଳେବେଳେ ସମସ୍ୟା ଆସିବା ମାତ୍ରେ, ଈଶ୍ୱର ଆମ ଜୀବନରେ ସାଧନ କରିଥିବା ବିଷୟଗୁଡ଼ିକୁ ଆମେ ଭୁଲିଯାଉ ଓ ଈଶ୍ୱରଙ୍କ ଅସ୍ତିତ୍ୱକୁ ସନ୍ଦେହ କରିବା ଆରମ୍ଭ କରୁ । ଈଶ୍ୱର ଆମ ପ୍ରାର୍ଥନାର ଉତ୍ତର ନ ଦେଲେ ଆମେ କହୁ, ''ଈଶ୍ୱର ସର୍ବଶକ୍ତିମାନ ଅଟନ୍ତି, ସେ ସବୁକିଛି କରିପାରନ୍ତି, ସେ ସମର୍ଥଠାରୁ ଅଧିକ ଅଟନ୍ତି ବୋଲି ମୁଁ ଜାଣେ । ମାତ୍ର ବର୍ତ୍ତମାନ ମୋର ପରିସ୍ଥିତି ଶୋଚନୀୟ ଅଟେ । ଏହାକୁ ସାହାଯ୍ୟ କରାଯାଇପାରିବ ନାହିଁ । ବର୍ତ୍ତମାନ ଈଶ୍ୱର କେଉଁଠାରେ ଅଛନ୍ତି ?'' ଅତୀତରେ, ଆମେ ଯେଉଁ ସବୁ ଶକ୍ତିପୂର୍ଣ୍ଣ ବିଷୟର ସମ୍ମୁଖୀନ ହୋଇଛୁ, ତାକୁ ଦୂର କରିବା ପାଇଁ ଗୋଟିଏ ଆଘାତ ହିଁ ଯଥେଷ୍ଟ ଅଟେ ।

## ଏହା ଗୋଟିଏ ଅତି ବଡ଼ ପଥର ଥିଲା

ମାର୍କ ୧୬:୪ରେ ଲେଖାଅଛି, ''ପ୍ରସ୍ତରଟି ଅତି ବଡ଼ ଥିଲା ।'' ଆଜି ଆପଣ ହୁଏତ କହିପାରନ୍ତି, ମୁଁ ଯେଉଁ ସମସ୍ୟା (ପଥର)ର ସମ୍ମୁଖୀନ ହେଉଅଛି, ତାହା କେବଳ ବଡ଼ ନୁହେଁ, ମାତ୍ର ଅତି ବଡ଼ ଅଟେ । ମୁଁ କୌଣସି ବ୍ୟକ୍ତିଙ୍କର ସାହାଯ୍ୟ ଆବଶ୍ୟକ କରୁଛି, ମୋ' ପାଇଁ କେହି ଜଣେ ପଥରଟିକୁ ଗଡ଼ାଇ ଦେଉ ବୋଲି ମୁଁ ଚାହୁଁଛି । ମାତ୍ର କିଏ ତାହା କରିବ ?

ଦ୍ୱିତୀୟ ବିବରଣ ୮:୧୫,୧୬ରେ ଲେଖାଅଛି, ''(ସେ) ତୁମ୍ଭର ଭବିଷ୍ୟତ୍ ମଙ୍ଗଳ ନିମନ୍ତେ ... ଜ୍ୱାଳାଦାୟୀ ସର୍ପ ଓ ବିଛା ପୁଣି ନିର୍ଜଳ ଶୁଷ୍କଭୂମି ଥିବା ଏହି ବିସ୍ତୀର୍ଣ୍ଣ ଓ ଭୟାନକ ପ୍ରାନ୍ତର ଦେଇ ତୁମ୍ଭକୁ ଗମନ କରାଇଲେ ।''

ଈଶ୍ୱର ବେଳେବେଳେ ଆମକୁ ଯେପରି ପରବର୍ତ୍ତୀ ସମୟରେ ଆଶୀର୍ବାଦ କରିବେ, ଏଥିପାଇଁ ଅନ୍ଧକାର, ବିଶାଳ ପ୍ରାନ୍ତର ମଧ୍ୟ ଦେଇ ନିଅନ୍ତି । ଆପଣ ହୁଏତ ଆପଣଙ୍କୁ ବିନାଶ କରିବା ପାଇଁ ଉଦ୍ୟତ, ଆପଣଙ୍କୁ ପତିତ କରାଇବା ପାଇଁ ଉଦ୍ୟତ ମାରାତ୍ମକ ବିଛା, ବଡ଼ ବଡ଼ ସର୍ପ ଭଳି ବିଷୟ ଦ୍ୱାରା ପରିବେଷ୍ଟିତ ହୋଇଥିବେ । ଯଦି ଆପଣ ଆକସ୍ମିକ ଭାବରେ ଏଗୁଡ଼ିକ ଉପରେ ପାଦ ପକାଇ ଦେବେ, ତେବେ ଏମାନେ ଆପଣଙ୍କୁ ଦଂଶନ କରିଦେବେ । ମାତ୍ର ବାଇବଲରେ ଲେଖାଯାଏ, ''ଆମ୍ଭେ ତୁମ୍ଭମାନଙ୍କୁ ସର୍ପ, ବିଛା, ବିସ୍ତୀର୍ଣ୍ଣ, ଶୁଷ୍କ ମରୁଭୂମି ମଧ୍ୟ ଦେଇ କଢ଼େଇ ନେଇଅଛୁ ।'' ଈଶ୍ୱର ହିଁ ଆପଣଙ୍କୁ ପଥ ପ୍ରଦର୍ଶନ କରୁଛନ୍ତି । ବଳବାନ୍ ଓ ସାହସିକ ହୁଅନ୍ତୁ । ଶେଷ ପରିଣତି ମଙ୍ଗଳଜନକ ଅଟେ ।

## ସେମାନେ ଉର୍ଦ୍ଧ୍ୱକୁ ଚାହିଁଲେ

ମାର୍କ ୧୬:୪ରେ ଲେଖାଯାଏ, ''ଏପରି ସମୟରେ ସେମାନେ ଉପରକୁ ଚାହିଁ ଦେଖିଲେ ... ।'' ଆପଣ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହା ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ଅଟେ, ଏହା ଆପଣଙ୍କ ନିଦ୍ରାରେ, ଆପଣଙ୍କ କଲ୍ୟାଣରେ ବ୍ୟାଘାତ ସୃଷ୍ଟି କରେ, ଏହା ଆପଣଙ୍କ ଦିନ ପ୍ରତିଦିନର ଜୀବନକୁ, ଆପଣଙ୍କ ଶାରୀରିକ, ମାନସିକ ଓ ଆବେଗିକ ସ୍ଥିତିକୁ ଆକ୍ରାନ୍ତ କରେ । ''ମାତ୍ର ସେମାନେ ଚାହିଁ ଦେଖିଲେ ଯେ ପଥରଟିକୁ ଗଡ଼ାଇ ଦିଆଯାଇଛି ।'' ଆପଣ ଉପରକୁ ଚାହିଁବାର ଅର୍ଥ ନୁହେଁ ଉର୍ଦ୍ଧ୍ୱକୁ ଦୃଷ୍ଟିପାତ କରିବା, ଏହାର ଅର୍ଥ ହେଉଛି, ସେମାନେ ଯେତିକି ଦେଖି ପାରୁଥିଲେ, ତା'ଠାରୁ ଆଗକୁ, ତା'ଠାରୁ ଉର୍ଦ୍ଧ୍ୱକୁ ଦେଖିବା ତାହା କରିବା ସମୟରେ, ସେହି ସ୍ତ୍ରୀ ଲୋକମାନଙ୍କ ଜୀବନରେ ସବୁକିଛି ପରିବର୍ତ୍ତିତ ହୋଇଗଲା । ପ୍ରିୟ ବନ୍ଧୁଗଣ, ଆପଣ ହୁଏତ ଏକ ବଡ଼ ପଥରର ସମ୍ମୁଖୀନ ହେଉଥିବେ, ଦୟାକରି ସମସ୍ୟାର ଉର୍ଦ୍ଧ୍ୱକୁ ଚାହାଁନ୍ତୁ । ପଥରଟି ଗଡ଼ା ହୋଇଯାଇଥିବାର ଆପଣ ଦେଖିବେ । ଆପଣଙ୍କ ସମ୍ମୁଖରେ ଥିବା ପଥରର ପଶ୍ଚାତ୍‌ଭାଗରେ ରହିଥିବା ଆଶୀର୍ବାଦକୁ ଦେଖାଇବା ପାଇଁ ଈଶ୍ୱରଙ୍କୁ ନିବେଦନ କରନ୍ତୁ । ଈଶ୍ୱର ଦୃଶ୍ୟର ପଛ ଭାଗରେ କାର୍ଯ୍ୟ କରନ୍ତି । ହୁଏତ ସେମାନେ ସେହିଦିନ ସକାଳୁ ଉଠିବା ପୂର୍ବରୁ, ଈଶ୍ୱର ପଥରଟିକୁ ଘୁଞ୍ଚାଇ ଦେଇଥିଲେ । ଆମର ଏପରି ଜଣେ ଈଶ୍ୱର ଅଛନ୍ତି, ଯିଏ ତାଙ୍କ ଅପେକ୍ଷାକାରୀମାନଙ୍କ ପାଇଁ କାର୍ଯ୍ୟ କରନ୍ତି (ଯିଶାଇୟ ୬୪:୪) । ସେ ସମସ୍ତ ବିଷୟକୁ ସୁନ୍ଦର କରନ୍ତି ଓ ଏହା ଆପଣ ଠିକ୍ ସମୟରେ ଏହା ଦେଖିବେ । ସେତେବେଳେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରନ୍ତୁ ଓ ସେ ଆପଣଙ୍କ ପାଇଁ ଯାହା ସଞ୍ଚୟ କରି ରଖିଛନ୍ତି, ତାହା ଦେଖନ୍ତୁ ।

## ମୋଶାଙ୍କ ଯଷ୍ଟି ଈଶ୍ୱରଙ୍କ ଯଷ୍ଟିରେ ପରିଣତ ହୋଇଛି

ଯାତ୍ରାପୁସ୍ତକର ୪ ଅଧ୍ୟାୟରେ, ଆମେ ଦେଖୁ ଯେ ଈଶ୍ୱର ଗୋଟିଏ ଜ୍ୱଳନ୍ତ ବୁଦା ମଧ୍ୟରୁ ମୋଶାଙ୍କୁ ଆହ୍ୱାନ କରିଥିଲେ । ମୋଶା କେବଳ ଏକ ପ୍ରଜ୍ୱଳିତ ଦେଖି ଦେଖି ପାରୁଥିଲେ । ସେ ସେହି ଈଶ୍ୱରଙ୍କୁ ଦେଖିପାରୁ ନ ଥିଲେ ଯିଏ ପ୍ରଜ୍ୱଳିତ ବୁଦା ମଧ୍ୟରୁ ତାଙ୍କର ଭବିଷ୍ୟତ୍‌କୁ ପ୍ରସ୍ତୁତ କରୁଥିଲେ । ଈଶ୍ୱର କାର୍ଯ୍ୟରତ ଥିଲେ ! ଦୃଶ୍ୟ ପଟ୍ଟର ପଶ୍ଚାତ୍‌ଭାଗରେ !

ମୋଶା ଯେପରି ତାଙ୍କ ଆହ୍ୱାନକୁ ଉପଲବ୍‌ଧି କରିପାରିବେ, ଏଥିପାଇଁ, ସେ କିଏ ଅଟନ୍ତି, ତାହା ମୋଶାଙ୍କୁ ପ୍ରଦର୍ଶନ କରିବାକୁ ଈଶ୍ୱର ଇଚ୍ଛା କରିଥିଲେ । ସେଥିପାଇଁ, ସେ ମୋଶାଙ୍କୁ ତାଙ୍କର ମେଷପାଳକର ଯଷ୍ଟିକୁ ଭୂମିରେ ପକାଇ ଦେବା ପାଇଁ କହିଲେ ଓ ଏହା ଏକ ସର୍ପରେ ପରିଣତ ହେଲା । ମୋଶା ସର୍ପକୁ ଦେଖି ପଳାୟନ କଲେ । ସେ ଏପରି ଜଣେ ବ୍ୟକ୍ତି ଥିଲେ, ଯିଏ ଜୀବନର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇ ପାରୁ ନ ଥିଲେ । ସେ ସହଜରେ କାର୍ଯ୍ୟକୁ ପରିତ୍ୟାଗ କରିବାକୁ ଇଚ୍ଛା କରୁଥିଲେ । ସେ ସ୍ଥିର ରହି ସମସ୍ୟାଗୁଡ଼ିକର ସମ୍ମୁଖୀନ ହୋଇ ପାରୁ ନ ଥିଲେ । ସେ ଦାୟିତ୍ୱଗୁଡ଼ିକରୁ ପଳାୟନ କରିବା ପାଇଁ ବାହାନା ଖୋଜୁଥିଲେ । ତାହା ମୋଶାଙ୍କ ଚରିତ୍ର ଥିଲା । ଏହା ପ୍ରଥମ ଥର ନ ଥିଲା । ପୂର୍ବରୁ ସେ ଜଣେ ମିସରୀୟକୁ ହତ୍ୟା କରିବା ପରେ ପଳାୟନ କରିଥିଲେ । ସେ ଜଣେ ପଳାୟନପନ୍ଥୀ ଓ କାର୍ଯ୍ୟରୁ ନିବୃତ୍ତ ରହୁଥିବା ବ୍ୟକ୍ତି ଥିଲେ । ସମସ୍ୟାର ସମ୍ମୁଖୀନ ହେବା ପାଇଁ କିମ୍ବା ତା' ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ତାଙ୍କର ସାହସ ନ ଥିଲା । ମନୁଷ୍ୟ ଭାବରେ ଆମେ ଆମର ବିଫଳତା, ନୈରାଶ୍ୟ ଓ ଭୟର ସମ୍ମୁଖୀନ ହେବା ପାଇଁ ସଂଘର୍ଷ କରୁ । ଆମେ ମୋଶାଙ୍କ ଭଳି ପଳାୟନ କରୁ । ମାତ୍ର ମନେରଖନ୍ତୁ, ଆମର ଏପରି ଜଣେ ଈଶ୍ୱର ଅଛନ୍ତି ଯିଏ ଶକ୍ତିରେ ଭୟ ଉଦ୍ରେକକାରୀ ଅଟନ୍ତି । ସେ ସେତେବେଳେ ମଧ୍ୟ କାର୍ଯ୍ୟ କରନ୍ତି, ଯେତେବେଳେ ଆମେ ତାଙ୍କୁ ଦେଖି ପାରି ନ ଥାଉ ।

## ଆପଣ ନିଜର ହସ୍ତକୁ ପ୍ରସାରନ୍ତୁ

ଯାତ୍ରା ୪:୪ : *''ସେତେବେଳେ ସଦାପ୍ରଭୁ ମୋଶାଙ୍କୁ କହିଲେ, ... ତୁମ୍ଭେ ଆପଣା ହସ୍ତ ବଢ଼ାଇ ତାହାର ଲାଞ୍ଜ ଧର, ତହିଁରେ ସେ ଆପଣା ହସ୍ତ ବଢ଼ାଇ ତାକୁ ଧରନ୍ତେ ତାଙ୍କ ହସ୍ତରେ ସେ ଯଷ୍ଟି ହେଲା ।''*

ସର୍ପ ସର୍ବଦା ସର୍ପ ହୋଇ ରହିବ । ମାତ୍ର ଆପଣଙ୍କୁ ନତ ହେବାକୁ, ନିକଟକୁ ଯିବାକୁ ଓ ଆପଣଙ୍କ ହାତ ବଢ଼ାଇ ତାକୁ ସ୍ପର୍ଶ କରିବାକୁ ହେବ । ଏହାପରେ ଆପଣ ଏକ ଆଶ୍ଚର୍ଯ୍ୟକର୍ମ ଦେଖିବେ । ସେତେବେଳ ପର୍ଯ୍ୟନ୍ତ ସର୍ପ ସର୍ବ ହୋଇ ରହିବ ଓ ଆପଣଙ୍କୁ ଦଂଶନ କରିବ । ମାତ୍ର ଯଦି ଆପଣ ଏହାକୁ ଈଶ୍ୱରଙ୍କ ଶକ୍ତିର ସହିତ ସ୍ପର୍ଶ କରିବେ, ତେବେ ସେହି ସର୍ପ ଆପଣଙ୍କ ହସ୍ତରେ ଏକ ଯଷ୍ଟିରେ ପରିଣତ ହେବ ।

ସେହି ଯଷ୍ଟି ପ୍ରାନ୍ତରରେ ମେଷଗୁଡ଼ିକର ଯତ୍ନ ନେବା ପାଇଁ ବ୍ୟବହୃତ ହେଉଥିଲା । ମାତ୍ର ଈଶ୍ୱରଙ୍କ ସହିତ ସାକ୍ଷାତ୍ କରିବା ପରେ, ସେହି ଯଷ୍ଟି ଆଶ୍ଚର୍ଯ୍ୟକର୍ମ ସାଧନ କରି ଓ ଅନେକ ଲୋକଙ୍କର ଜୀବନକୁ ପରିବର୍ତ୍ତନ କରି ଶକ୍ତିଶାଳୀ ହୋଇଥିଲା । ଈଶ୍ୱର ଆପଣଙ୍କୁ କହୁଛନ୍ତି, ''ହସ୍ତ ପ୍ରସାର କର'' । ସେହି ବିଷୟଗୁଡ଼ିକ ଆଡକୁ ହାତ ବଢ଼ାନ୍ତୁ, ଯେଉଁଗୁଡ଼ିକ ଆପଣଙ୍କୁ ଭୟଭୀତ କରୁଛି, ଯନ୍ତ୍ରଣା ଦେଉଛି, ତାହା ଶକ୍ତିପୂର୍ଣ୍ଣ ହେବ ଓ କେବଳ ଆପଣଙ୍କ ପାଇଁ ନୁହେଁ, ମାତ୍ର ଆପଣଙ୍କ ଚତୁର୍ଦ୍ଦିଗସ୍ଥିତ ଅନ୍ୟ ଲୋକମାନଙ୍କ ପାଇଁ ମଧ୍ୟ ଆଶୀର୍ବାଦ ଆଣିବ । ଏହା ଆଉ ମେଷପାଳକର ଯଷ୍ଟି ହୋଇ ରହିବ ନାହିଁ । ଏହା ଈଶ୍ୱରଙ୍କ ଯଷ୍ଟିରେ ପରିଣତ ହେବ । ବର୍ତ୍ତମାନ ଏହା ଈଶ୍ୱରଙ୍କର ଉପକରଣରେ ପରିଣତ ହେବ ।

ବର୍ତ୍ତମାନ ଆପଣଙ୍କୁ କେଉଁ ବିଷୟ ଭୟଭୀତ କରୁଛି, ତାହା ଚିନ୍ତା କରନ୍ତୁ । ଆପଣଙ୍କ ପଥ ମଧ୍ୟରେ ଗୋଟିଏ ବଡ଼ ପ୍ରସ୍ତର ଭଳି ମନେ ହେଉଥିବା ବିଷୟ, ଯାହାକୁ ଆପଣ ଏକ ବିଘ୍ନଜନକ ପ୍ରସ୍ତର ବୋଲି ଭାବନ୍ତି, ତାହା ଈଶ୍ୱରଙ୍କ ଆଶୀର୍ବାଦ ଦିଗକୁ ଯାଉଥିବା ପାହାଚ ଶ୍ରେଣୀରେ ପରିଣତ ହେବ । ପଛକୁ ଚାହିଁ ଈଶ୍ୱରଙ୍କର ସେହି ଶକ୍ତିକୁ ଦେଖନ୍ତୁ ଯାହା ଆପଣଙ୍କ ପଛେ ପଛେ ଆସୁଅଛି । ପ୍ରଭୁ ଯାହା କରିପାରିବେ, ତାହା ଦେଖି ଆପଣ ଆଶ୍ଚର୍ଯ୍ୟ ହେବେ । ମୋଶା ନିଜ ଭୟର ସମ୍ମୁଖୀନ ହେବା ପରେ ତାଙ୍କର ଯଷ୍ଟି ଈଶ୍ୱରଙ୍କ ଯଷ୍ଟିରେ ପରିଣତ ହୋଇଥିଲା ।

ପ୍ରିୟ ବନ୍ଧୁ, ଆପଣ କେବଳ ପଥରକୁ ଦେଖୁଛନ୍ତି । ମାତ୍ର ଈଶ୍ୱର ଦୃଶ୍ୟ ପଛରେ ରହି କାର୍ଯ୍ୟ କରୁଛନ୍ତି ବୋଲି ସ୍ମରଣ କରନ୍ତୁ । ସେହି ସ୍ତ୍ରୀମାନେ ପଥର ବିଷୟରେ କଥାବାର୍ତ୍ତା କରୁଥିଲେ ... କିଏ ସାହାଯ୍ୟ କରିବ ବୋଲି ଭାବୁଥିଲେ । ମାତ୍ର ସେମାନେ ପହଞ୍ଚିବା ପୂର୍ବରୁ, ଈଶ୍ୱର ଗୋଟିଏ ଆଶ୍ଚର୍ଯ୍ୟକର୍ମ ସାଧନ କରିଥିଲେ ଓ ପଥରକୁ ଘୁଞ୍ଚାଇ ଦେଇଥିଲେ । ମନେରଖନ୍ତୁ, ସେ ତାଙ୍କ ନିଜସ୍ୱ ସମୟରେ ସମସ୍ତ ବିଷୟକୁ ସୁନ୍ଦର କରିବେ । ସେ ଆପଣଙ୍କ ପାଇଁ ପଥରକୁ ଘୁଞ୍ଚାଇ ଦେବେ, ମାତ୍ର ସେ ଏହାକୁ ନିଜସ୍ୱ ମାର୍ଗରେ, ନିଜସ୍ୱ ସମୟରେ କରିବେ ।

ସେଥିପାଇଁ ପ୍ରଥମ ଇଷ୍ଟର ଏକ ଆଶାର କାହାଣୀରେ ପରିଣତ ହୋଇଥିଲା । ଇଷ୍ଟର ନିମ୍ନ ବିଷୟକୁ ମନେ ରଖିବାର ସମୟ ଅଟେ :

ମୁଁ ଦେଖିପାରୁ ନ ଥିଲେ ସୁଦ୍ଧା ଆପଣ କାର୍ଯ୍ୟ କରୁଛନ୍ତି ।

ମୁଁ ଅନୁଭବ କରିପାରୁ ନ ଥିଲେ ସୁଦ୍ଧା ଆପଣା କାର୍ଯ୍ୟ କରୁଛନ୍ତି ।

ଆପଣ ଅଟକି ଯାଆନ୍ତି ନାହିଁ । ଆପଣ ଆଦୌ କାର୍ଯ୍ୟ ବନ୍ଦ କରନ୍ତି ନାହିଁ ।

ଆପଣ ଅଟକି ଯାଆନ୍ତି ନାହିଁ, ଆପଣ ଆଦୌ କାର୍ଯ୍ୟ ବନ୍ଦ କରନ୍ତି ନାହିଁ ।

(ଓସିନାକୀ ଯୋଷେଫଙ୍କ ଦ୍ୱାରା ରଚିତ ''ୱେମେକର୍''

## ଜୀବନଦାୟକ ନଦୀ

**''ତାହା ଗୋଟିଏ ନଦୀ ହେଲା, ମୁଁ ତହିଁ ମଧ୍ୟ ଦେଇ ଗମନ କରିପାରିଲି ନାହିଁ କାରଣ ଜଳ ବଢ଼ି ଉଠିଥିଲା, ତାହା ପହଁରିବା ଭଳି ଜଳ, ପାର ହେବାକୁ ଅଗମ୍ୟ ନଦୀ ହୋଇଥିଲା'' (ଯିହିଜିକଲ ୪୭:୫) ।**

**ପାଳକ ଡେଭିଡ୍ ଉଇଲ୍‌କର୍‌ସନ୍**

ଯିହିଜିକଲ ଭାବବାଦୀଙ୍କୁ ଗୋଟିଏ ଅବିଶ୍ୱସନୀୟ ଦର୍ଶନ ମିଳିଥିଲା । ଈଶ୍ୱରଙ୍କ ହସ୍ତ ଯିହିଜିକଲଙ୍କୁ ଏକ ଉଚ୍ଚ ପର୍ବତ ଉପରକୁ ନେଇ ଯାଇଥିଲେ । ସେଠାରେ ତାଙ୍କ ନିକଟରେ ଜଣେ ବ୍ୟକ୍ତି ଆବିର୍ଭାବ ହେଲେ, ''ପିତ୍ତଳର ଆଭା ତୁଲ୍ୟ ତାହାଙ୍କର ଆଭା'' (ଯିହିଜିକଲ ୪୦:୩) । ଯୋହନ ମଧ୍ୟ ଏହିପରି ଜଣେ ପୁରୁଷଙ୍କ ବିଷୟରେ ବର୍ଣ୍ଣନା କରିଥିଲେ ଯିଏ ପାତ୍ମ ନାମକ ଏକ ଦ୍ୱୀପରେ ତାଙ୍କୁ ଦର୍ଶନ ଦେଇଥିଲେ : ''ତାହାଙ୍କ ପାଦ ଭାଟୀରେ ପରିଷ୍କୃତ ଉଜ୍ଜ୍ୱଳ ପିତ୍ତଳ ତୁଲ୍ୟ ଓ ତାହାଙ୍କ ସ୍ୱର ମହାକଲ୍ଲୋଳର ସଦୃଶ'' (ପ୍ରକାଶିତ ୧:୧୫) । ଉଭୟ ଅନୁଚ୍ଛେଦରେ ବର୍ଣ୍ଣିତ ହୋଇଥିବା ବ୍ୟକ୍ତି ଖ୍ରୀଷ୍ଟଙ୍କ ବ୍ୟତୀତ ଅନ୍ୟ କେହି ନ ଥିଲେ । ସେ ଯିହିଜିକଲଙ୍କୁ ଈଶ୍ୱରଙ୍କ ଗୃହର ଦ୍ୱାର ନିକଟକୁ ନେଇ ଯାଇଥିଲେ, ଯେଉଁଠାରେ ସେ ଭାବବାଦୀଙ୍କୁ ଆଶ୍ଚର୍ଯ୍ୟଜନକ ଦର୍ଶନ ଦେଇଥିଲେ । ଏହା ଈଶ୍ୱରଙ୍କ ଲୋକମାନଙ୍କର ଭବିଷ୍ୟତ୍ ସମ୍ବନ୍ଧୀୟ ଦର୍ଶନ ଥିଲା ଓ ଅନ୍ତିମ ସମୟ ନିକଟବର୍ତ୍ତୀ ହେଉଥିବା ସମୟରେ ଖ୍ରୀଷ୍ଟଙ୍କ ମଣ୍ଡଳୀ କିପରି ହେବ, ତାହା ପ୍ରକାଶ କରିଥିଲା ।

''ଅନନ୍ତର ସେ ମୋତେ ଫେରାଇ ଗୃହର ଦ୍ୱାର ନିକଟକୁ ଆଣିଲେ, ଆଉ ଦେଖ, ଗୃହ-ପ୍ରବେଶ ସ୍ଥାନର ତଳକୁ ଜଳ ନିର୍ଗତ ହୋଇ ପୂର୍ବ ଦିଗରେ ବହିଲା, କାରଣ ଗୃହର ଅଗ୍ରଭାଗ ପୂର୍ବାଭିମୁଖୀ ଥିଲା, ଆଉ, ସେହି ଜଳ ତଳକୁ ଗୃହର ଦକ୍ଷିଣ ପାର୍ଶ୍ୱ ଦେଇ ଯଜ୍ଞ ବେଦୀର ଦକ୍ଷିଣ ଦିଗରେ ବହିଲା ...

ସେହି ବ୍ୟକ୍ତି ଯେତେବେଳେ ପରିମାପକ ରଜ୍ଜୁ ଆପଣା ହସ୍ତରେ ଧରି ପୂର୍ବେ ଆଡ଼େ ବାହାରିଲେ, ସେତେବେଳେ ସେ ଏକ ହଜାର ହାତ ମାପିଲେ, ପୁଣି ମୋତେ ଜଳ ମଧ୍ୟ ଦେଇ ଗମନ କରାଇଲେ, ଜଳ ବଳାଗଣ୍ଠି ସରିକି ହେଲା । ପୁନର୍ବାର ସେ ଏକ ହଜାର ହାତ ମାପିଲେ ଓ ମୋତେ ଜଳ ମଧ୍ୟ ଦେଇ ଗମନ କରାଇଲେ, ଜଳ ଆଣ୍ଠୁସରିକି ହେଲା । ପୁନର୍ବାର ସେ ଏକ ହଜାର ହାତ ମାପିଲେ, ଜଳ ମଧ୍ୟ ଦେଇ ମୋତେ ଗମନ କରାଇଲେ, ଜଳ କଟି ସରିକି ହେଲା ।

''... ଆଉ ନଦୀ ନିକଟରେ ତହିଁର ତୀର ଉପରେ, ଏ ପାଖରେ ଓ ସେ ପାଖରେ ସର୍ବ ପ୍ରକାର ଭୋଜନାର୍ଥେ ଫଳ ବୃକ୍ଷ ହେବ, ତହିଁର ପତ୍ର ମଳିନ ହେବ ନାହିଁ, କିଅବା ତହିଁର ଫଳର ଅଭାବ ହେବ ନାହିଁ, ସେହି ଜଳସବୁ ପବିତ୍ର ସ୍ଥାନରୁ ନିର୍ଗତ ହେବା ହେତୁରୁ ବୃକ୍ଷ ପ୍ରତି ମାସ ନୂତନ ଫଳ ଫଳିବ ଓ ତହିଁର ଫଳ ଆହାରାର୍ଥେ ଓ ତହିଁର ପତ୍ର ଆରୋଗ୍ୟାର୍ଥେ ହେବ'' (ଯିହିଜିକଲ ୪୭:୧,୩-୬, ୧୨) ।

ବାଇବଲରେ ଜଳ ସର୍ବଦା ଈଶ୍ୱରଙ୍କ ଆତ୍ମାଙ୍କୁ ପ୍ରତିନିଧିତ୍ୱ କରେ । ଏହି ଦର୍ଶନ ସ୍ପଷ୍ଟଭାବରେ ଶେଷ ଦିନରେ ପବିତ୍ର ଆତ୍ମାଙ୍କର ଏକ ପ୍ରବଳ ବୃଷ୍ଟିକୁ ପ୍ରକାଶ କରେ । ଏହି ଦର୍ଶନର ପରିସର ଏତେ ଶକ୍ତିଶାଳୀ, ଏତେ ପ୍ରବଳ ଥିଲା ଯେ ଯିହିଜିକଲ ଏହାକୁ ବୁଝି ପାରି ନ ଥିଲେ । ସେ ଏହାର ଅର୍ଥ ଉପରେ ମନ୍ତବ୍ୟ ସୁଦ୍ଧା ଦେଇ ନ ଥିଲେ । ସେ କେବଳ ଦର୍ଶନଟି ଶେଷ ହେବା ପୂର୍ବରୁ ଏ ବିଷୟରେ ସମ୍ବାଦ ଦେଇ ପାରିଥିଲେ । ସଦାପ୍ରଭୁ ତାଙ୍କୁ ଅଟକାଇ ପ୍ରଶ୍ନ କରିଥିଲେ, ''ତୁମ୍ଭେ କି ଏହା ଦେଖିଲ ?'' (ଯିହିଜିକଲ ୪୭:୬) ।

ଦର୍ଶନଟି ନିଶ୍ଚୟ ଯିହିଜିକଲକୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବ, ହୁଏତ ସେ ଏହି ଦର୍ଶନକୁ ବୁଝି ନ ଥିଲେ । ପୁରାତନ ନିୟମର ସମସ୍ତ ଭାବବାଦୀଙ୍କ ନିକଟରେ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଏକ ସୀମିତ ଦର୍ଶନ ଥିଲା ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

## ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୦ ଏପ୍ରିଲ ୧୯ ରୁ ମଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

### ପ୍ରଶଂସାର ବିଷୟ

ଏପ୍ରିଲ - ୧୯ ୨୦୨୦ ମାର୍ଚ୍ଚ ୧୬ରେ ଅନୁଷ୍ଠିତ ହୋଇଥିବା ଆମର ପୁରାତନ ଛାତ୍ର ସମ୍ମିଳନୀ ଉପରେ ଈଶ୍ୱର ଆଶୀର୍ବାଦ କରିଥିଲେ ।

ଏପ୍ରିଲ - ୨୦ ଈଶ୍ୱର ସୁସମାଚାର ପ୍ରଚାର କରିବା ପାଇଁ ଦୁର୍ଭେଦ୍ୟ ଅଞ୍ଚଳରେ ପ୍ରବେଶ କରିବାରେ ଆମକୁ ସାହାଯ୍ୟ କରିଥିଲେ ।

ଏପ୍ରିଲ - ୨୧ ଆମେ ଆମ ସେବାକାର୍ଯ୍ୟରେ ଥିବା ସମସ୍ତ ସମର୍ପିତ କର୍ମଚାରୀ ମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରୁଅଛୁ ।

ଏପ୍ରିଲ - ୨୨ ଆମେ ଆମ ମିଶନ କ୍ଷେତ୍ରଗୁଡ଼ିକରୁ ଉତ୍ତମ ସମ୍ବାଦ ପାଉଅଛୁ ।

ଏପ୍ରିଲ - ୨୩ ଆମ ମୁଖ୍ୟ ଉପାସନାଳୟରେ ପ୍ରତି ରବିବାରରେ ଅନୁଷ୍ଠିତ ହେଉଥିବା ୫ଟି ଭାଷାର ୭ଟି ଉପାସନା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଏପ୍ରିଲ - ୨୪ ଆମର ସମସ୍ତ ସହଯୋଗୀ ସଂପାଦକମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଏପ୍ରିଲ - ୨୫ ଈଶ୍ୱର ଆମ ଛାପାକଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ୧୬ ଭାଷାର ସୁସମାଚାର ପତ୍ରିକାକୁ ଆଶୀର୍ବାଦ କରିଛନ୍ତି ।

ଏପ୍ରିଲ - ୨୬ ଆମର ପ୍ରଭୁ ଆମ ଡାକ୍ତରଖାନା ସେବାକାର୍ଯ୍ୟରେ ଆଶ୍ଚର୍ଯ୍ୟକର୍ମ ସାଧନ କରୁଛନ୍ତି ।

ଏପ୍ରିଲ - ୨୭ ଆମ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''ର ସମସ୍ତ ଅର୍ଥ ସହାୟତାକାରୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଏପ୍ରିଲ - ୨୮ ଈଶ୍ୱର ନୂତନ ସଦସ୍ୟମାନଙ୍କୁ ସଂଯୁକ୍ତ କରି ଆମ ଶିଶୁ ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିଛନ୍ତି ।

ଏପ୍ରିଲ - ୨୯ ଈଶ୍ୱର ଆମ ମଣ୍ଡଳୀରେ ନୂତନ ଆତ୍ମାଗୁଡ଼ିକୁ ଯୋଗାଇ ଆଶୀର୍ବାଦ କରିଛନ୍ତି ।

ଏପ୍ରିଲ - ୩୦ ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି ।

ମଇ - ୧ ଈଶ୍ୱର ଗତମାସରେ ଆମ 'ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର' ସମସ୍ତ କାର୍ଯ୍ୟ ଉପରେ ଆଶୀର୍ବାଦ କରିଥିଲେ ।

ମଇ - ୨ ଈଶ୍ୱର ଆମର ମିଶନ କ୍ଷେତ୍ରକୁ ନୂତନ କାର୍ଯ୍ୟକାରୀମାନଙ୍କୁ ଆଣିଛନ୍ତି ।

ମଇ - ୩ ଈଶ୍ୱର ଆମର ଛାପାକଳ ଓ ଏହାର କର୍ମଚାରୀମାନଙ୍କୁ ଆଶୀର୍ବାଦ କରିଛନ୍ତି ।

### ପ୍ରାର୍ଥନାର ବିଷୟ

ମଇ - ୪ ଏହି ମାସରେ ଈଶ୍ୱର ଯେପରି 'ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'ର ସମସ୍ତ ଅର୍ଥନୈତିକ ଆବଶ୍ୟକତା ପୂରଣ କରିବେ ।

ମଇ - ୫ ୨୦୨୦-୨୦୨୧ ପାଇଁ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ନିମନ୍ତେ ନୂତନ ଛାତ୍ର ଯୋଗାଇବେ ।

ମଇ - ୬ ଆମେ ଭାରତ ଓ ଅନ୍ୟ ସମସ୍ତ ଦେଶରେ ରାଜନୈତିକ ଶାନ୍ତି ଆଶା କରୁଅଛୁ ।

ମଇ - ୭ ପୃଥିବୀର ସମସ୍ତ ଦେଶର ସୀମାଞ୍ଚଳରେ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ ।

ମଇ - ୮ ଈଶ୍ୱର ଯେପରି ପୃଥିବୀର ସମସ୍ତ ମିଶନେରୀଙ୍କୁ ସୁରକ୍ଷା ଦେବେ ।

ମଇ - ୯ ଈଶ୍ୱର ଯେପରି ଆମର ସହଯୋଗୀ ସଂପାଦକ ଏମ୍.ପଲ୍‌ରାଜ୍‌ଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ ''କିଙ୍ଗଡମ୍ ଅଫ୍ ଗଡ୍'' (ଈଶ୍ୱରଙ୍କ ରାଜ୍ୟ)କୁ ଅତିଶୀଘ୍ର ପ୍ରକାଶ କରିବାରେ ଆମକୁ ସାହାଯ୍ୟ କରିବେ ।

ମଇ - ୧୦ ଆମର ଆଫ୍ରିକାନ୍‌ସ ସହଯୋଗୀ ସଂପାଦିକା, ଭଉଣୀ ମାରିଏଡିଜୀ ନେଲ୍‌ସନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

ମଇ - ୧୧ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀରେ ଥିବା ବରିଷ୍ଠ ସଦସ୍ୟମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ମଇ - ୧୨ ଆମର ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ମଇ - ୧୩ ଈଶ୍ୱର ଯେପରି ସମଗ୍ର ବିଶ୍ୱରେ ଏକ ଉଦ୍ଦୀପନା ଆଣିବେ ।

ମଇ - ୧୪ ଈଶ୍ୱର ଯେପରି ୨୦୨୦-୨୧ ପାଇଁ ନିହିମିୟା ବାଇବଲ କଲେଜକୁ ସମର୍ପିତ ଛାତ୍ର ଯୋଗାଇବେ ।

ମଇ - ୧୫ ୨୦୨୦ ଜୁନ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉତ୍ସବ ପାଇଁ ପ୍ରାର୍ଥନା କରନ୍ତୁ ।

ମଇ - ୧୬ ବୃଦ୍ଧାଶ୍ରମରେ ଥିବା ସମସ୍ତ ଲୋକଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ମଇ - ୧୭ 'ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର' ବହୁମୁଖୀ କାର୍ଯ୍ୟ ପାଇଁ ପ୍ରାର୍ଥନା କରନ୍ତୁ ।

ମଇ - ୧୮ ଦୁର୍ଗମ ଅଞ୍ଚଳରେ ସୁସମାଚାର ପ୍ରଚାର କରୁଥିବା ଲୋକମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

## ପବିତ୍ର ଆତ୍ମାଙ୍କ ବୃଷ୍ଟି

''ଯେ ମୋ'ଠାରେ ବିଶ୍ୱାସ କରେ, ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ ତାହାର ଅନ୍ତରରୁ ଜୀବନ୍ତ ଜଳସ୍ରୋତ ପ୍ରବାହିତ ହେଉଥିବ'' (ଯୋହନ ୭:୩୮) ।

ଯିହିଜିକଲଙ୍କ ନିକଟରେ ଏହା ପ୍ରଦର୍ଶିତ ହୋଇଥିଲା ଯେ ଶେଷ ଦିନରେ, ଯୀଶୁ ଖ୍ରୀଷ୍ଟଙ୍କର ମଣ୍ଡଳୀ ସମଗ୍ର ଇତିହାସରେ ଅଧିକ ଗୌରବମୟ, ଅଧିକ ବିଜୟୀ ହେବ । ତାଙ୍କର ମଣ୍ଡଳୀ ଶକ୍ତି ଓ ଗୌରବରେ ଆଲୋକିତ ହେବ । ଏହା ଯୀଶୁଙ୍କର ସଂପୂର୍ଣ୍ଣ ପରିପ୍ରକାଶକୁ ଉପଭୋଗ କରିବ ।

ମଣ୍ଡଳୀ ପ୍ରଥମ ଶତାବ୍ଦୀର ମଣ୍ଡଳୀ ଓ ମୂଳ ପ୍ରେରିତମାନଙ୍କ ପ୍ରତି ଫେରି ଚାହିଁବାର ପ୍ରବୃତ୍ତି ରଖିବ । ପେଣ୍ଟିକଷ୍ଟ ଦିବସରେ ପବିତ୍ର ଆତ୍ମା ସେହି ଗୃହକୁ ପରିପୂର୍ଣ୍ଣ କରିଥିଲେ, ଯେଉଁଠାରେ ଲୋକମାନେ ଏକତ୍ରିତ ହୋଇଥିଲେ । ''ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ୍ ଆକଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହର ସର୍ବତ୍ର ବ୍ୟାପିଗଲା, ଆଉ ଅଗ୍ନି ସଦୃଶ ଜିହ୍ୱାଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ'' (ପ୍ରେରିତ ୨:୨-୪) । ପବିତ୍ର ଆତ୍ମାଙ୍କ ଏହି ବୃଷ୍ଟି ଯୋୟେଲ ପୁସ୍ତକରେ ଉଲ୍ଲିଖିତ ଏକ ପ୍ରତିଜ୍ଞାର ସଫଳତା ଥିଲା । ଗୃହରେ ଏକତ୍ରିତ ହୋଇଥିବା ୧୨୦ ଜଣ ବ୍ୟକ୍ତି ବିଭିନ୍ନ ଭାଷାରେ କଥା କହୁଥିଲେ ଓ ଯେଉଁମାନେ ସେମାନଙ୍କୁ ଦେଖୁଥିଲେ, ସେମାନେ ଅତି ଆଶ୍ଚର୍ଯ୍ୟାନ୍ୱିତ ହେଉଥିଲେ । ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ଶକ୍ତିଯୁକ୍ତ ହୋଇ ଲୋକମାନଙ୍କ ସାକ୍ଷାତ୍‌ରେ ଅନେକ ଅଲୌକିକ କାର୍ଯ୍ୟ କରିଥିଲେ । ଆଦ୍ୟ ମଣ୍ଡଳୀର ଇତିହାସ ଆଶ୍ଚର୍ଯ୍ୟ କର୍ମରେ ପରିପୂର୍ଣ୍ଣ ଥିଲା । ସେମାନେ ସଂପୂର୍ଣ୍ଣ ଭାବରେ ପବିତ୍ର ଆତ୍ମାଙ୍କ ଶକ୍ତିର ଅନୁଭୂତି ପାଇଥିଲେ । ପ୍ରଭୁ ଏହି ଶେଷ ଦିନଗୁଡ଼ିକରେ ମଧ୍ୟ ତାଙ୍କ ଆତ୍ମାଙ୍କୁ ବୃଷ୍ଟି କରିବାରେ ବିଶ୍ୱସ୍ତ ଅଟନ୍ତି ।

ଏହା ଠିକ୍ ତାହା ହିଁ ଅଟେ, ଯାହା ଈଶ୍ୱର ଯିହିଜିକଲ ୪୭:୧-୨ରେ ଆମକୁ ପ୍ରଦର୍ଶନ କରିଛନ୍ତି । ଜଳର ଏହି କ୍ରମବର୍ଦ୍ଧିଷ୍ଣୁ ସ୍ରୋତ ସେହି ପେଣ୍ଟିକଷ୍ଟର ଦୃଷ୍ଟାନ୍ତ ଅଟେ ଯେତେବେଳେ ଶିଷ୍ୟମାନଙ୍କୁ ପବିତ୍ର ଆତ୍ମା ପ୍ରଦତ୍ତ ହୋଇଥିଲେ । ଜୀବନଦାୟକ ଜଳର ଏହି ନଦୀ ସହିତ ପବିତ୍ର ଆତ୍ମା, ଏହାପରେ ପେଣ୍ଟିକଷ୍ଟ ଓ ଏହାର ସମସ୍ତ ଗୌରବ ଓ ପରିପ୍ରକାଶ ସହିତ ଈଶ୍ୱରଙ୍କ ଉପସ୍ଥିତି ଅଛି । ଏହା ଥିଲା ଶକ୍ତିପୂର୍ଣ୍ଣ ଆରମ୍ଭ ମାତ୍ର । ଭାବବାଦୀ ନଦୀ ମଧ୍ୟ ଦେଇ ଅଗ୍ରସର ହେଉଥିବା ସମୟରେ, ଏହା ଗଭୀରରୁ ଗଭୀରତର ହୋଇଥିଲା ଓ ଶେଷରେ ଏହା ପହଁରିବା ଭଳି ଗଭୀର ହୋଇଥିଲା ।

ମଣ୍ଡଳୀର ଅସ୍ତିତ୍ୱର ପ୍ରଥମ କିଛି ଶତାବ୍ଦୀ ପାଇଁ, ଈଶ୍ୱରଙ୍କ ଲୋକମାନଙ୍କୁ ତାଡ଼ନା ଦିଆଯାଇଥିଲା ଓ ବଶୀଭୂତ କରାଯାଇଥିଲା । ଏହାପରେ ଯେତେବେଳେ ସମ୍ରାଟ କନ୍‌ଷ୍ଟାଣ୍ଟାଇନ୍ କ୍ଷମତାକୁ ଆସିଥିଲେ, ସେତେବେଳେ ସେ ବନ୍ଦୀ ହୋଇ ରହିଥିବା ସମସ୍ତ ପ୍ରଚାରକ ଓ ବିଶ୍ୱାସୀମାନଙ୍କୁ ମୁକ୍ତ କରିଥିଲେ । ସେ ଖ୍ରୀଷ୍ଟଧର୍ମକୁ ସାମ୍ରାଜ୍ୟର ସରକାରୀ ଧର୍ମ ବୋଲି ଘୋଷଣା କରିଥିଲେ ।

ତଥାପି, ପ୍ରକୃତ ବିଷୟ ହେଉଛି, ସେହି ତାଡ଼ନାର ବର୍ଷ ଗୁଡ଼ିକରେ ମଣ୍ଡଳୀ ସର୍ବାଧିକ ବୃଦ୍ଧି ପାଇଥିଲା । ଅର୍ଥାତ୍, ଯେତେବେଳେ ନଦୀ ଗଭୀରତର ହୋଇଛି, ସେତେବେଳେ ସାଧୁମାନେ ଈଶ୍ୱରଙ୍କ ବାକ୍ୟରେ ଓ ଖ୍ରୀଷ୍ଟଙ୍କ ପ୍ରତ୍ୟାଦେଶରେ ବହୁଳଭାବରେ ବୃଦ୍ଧି ପାଇଛନ୍ତି ।

ମାର୍ଟିନ ଲୁଥର ଅନ୍ୟ ଏକ ପାତ୍ର ଥିଲେ ଯିଏ ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ବିଶ୍ୱାସର ଏକ ନୂତନ ପ୍ରବାହ ମଧ୍ୟକୁ ଆଣିଥିଲେ । ସଂସ୍କାର ଯୁଗରେ ଯେଉଁ ଜଳ ସ୍ରୋତ ପ୍ରବାହିତ ହୋଇଥିଲା, ତାହା ଈଶ୍ୱରଙ୍କ ଲୋକମାନଙ୍କର କଟୀ ଦେଶ ପର୍ଯ୍ୟନ୍ତ ଉଠିଥିଲା କାରଣ ସେମାନେ କ୍ରୁଶ ସମ୍ବନ୍ଧରେ ଏକ ଶ୍ରେଷ୍ଠତର ପ୍ରତ୍ୟାଦେଶରେ ବୃଦ୍ଧି ପାଇଥିଲେ ଓ ଖ୍ରୀଷ୍ଟଙ୍କ ଶକ୍ତି ଓ ଗୌରବ ସମ୍ବନ୍ଧରେ ଏକ ଗଭୀରତର ଜ୍ଞାନପ୍ରାପ୍ତ ହୋଇଥିଲେ ।

## ପ୍ରଭୁଙ୍କ ଆଗମନ ପୂର୍ବେ ଜୀବନଦାୟକ ନଦୀ ଉଚ୍ଛୁଳି ଉଠିବ ।

ଏହା ଯିହିଜିକଲଙ୍କୁ ପ୍ରଦତ୍ତ ଦର୍ଶନରେ କୁହାଯାଇଛି । ଈଶ୍ୱର ଗୋଟିଏ ପରିମାପକ ଯଷ୍ଟି ଧରି ଭାବବାଦୀଙ୍କୁ ଏକ ଆଶ୍ଚର୍ଯ୍ୟଜନକ ଯାତ୍ରାରେ ନେଇ ଯାଉଥିଲେ । ସେହି ଯଷ୍ଟିର ଦୈର୍ଘ୍ୟ ପ୍ରାୟ ୧୦୦୦ ହାତ, ଅର୍ଥାତ୍, ଗୋଟିଏ ମାଇଲ୍‌ର ଏକ ତୃତୀୟାଂଶ ଥିଲା । ସେହି ଦୂରତାରେ, ସଦାପ୍ରଭୁ ଓ ଯିହିଜିକଲ ଜଳ ମଧ୍ୟରେ ଚାଲୁଥିଲେ । ଏହି ସ୍ଥାନରେ ଜଳର ଗଭୀରତା ବଳାଗଣ୍ଠି ପର୍ଯ୍ୟନ୍ତ ଥିଲା । ସଦାପ୍ରଭୁ ଭାବବାଦୀଙ୍କୁ ଜଳ ମଧ୍ୟରେ ଆହୁରି ଆଗକୁ, ଗଭୀରରୁ ଗଭୀର ଜଳ ମଧ୍ୟକୁ ଯିବା ପାଇଁ କହୁଥିଲେ । ଆଉ ୧୦୦୦ ହାତର ଦୂରତା ପରେ ଜଳ ସେମାନଙ୍କର ଆଣ୍ଠୁ ପର୍ଯ୍ୟନ୍ତ ଆସିଥିଲା ।

ପୁଣି ଯିହିଜିକଲ କହିଥିଲେ ଯେ ଯେତେବେଳେ ସେ ଏହି ପରିମାଣର ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ଅଗ୍ରସର ହେଲେ, ସେତେବେଳେ ଜଳ ତାଙ୍କ ପାଇଁ ଅତି ଗଭୀର, ଅତି ବହୁଳ ଥିଲା । ''ମୁଁ ତହିଁ ମଧ୍ୟ ଦେଇ ଗମନ କରିପାରିଲି ନାହିଁ, କାରଣ ଜଳ ବଢ଼ି ଉଠିଥିଲା, ତାହା ପହଁରିବା ଭଳି ଜଳ...'' (ଯିହିଜିକଲ ୪୭:୫) ।

ଭାବବାଦୀ ଯିଶାଇୟ ମଧ୍ୟ ସେହି ସମାନ ନଦୀର ଏକ ଝଲକ ଦେଖିଥିଲେ, ଯାହା ଯିହିଜିକଲଙ୍କର ଦର୍ଶନରେ ଦୃଶ୍ୟମାନ ହୋଇଥିଲା । ଭାବବାଦୀ ଯିଶାଇୟଙ୍କ ଅନୁସାରେ, ଶେଷ କାଳରେ, ଈଶ୍ୱରଙ୍କ ଲୋକମାନେ ସମସ୍ତ ଶୟତାନିକ ଆକ୍ରମଣରୁ ମହା ସୁରକ୍ଷା ଉପଭୋଗ କରିବେ : ''... ସେ ସ୍ଥାନରେ ଆହୁଲାଯୁକ୍ତ କୌଣସି ପୋତ ଗମନ କରିବ ନାହିଁ, କିଅବା ଭୟଙ୍କର ଜାହାଜ ତାହା ପାର ହେବ ନାହିଁ'' (ଯିଶାଇୟ ୩୩:୨୧) । ଏଠାରେ ଯିଶାଇୟ କ୍ରୀତଦାସମାନଙ୍କ ଦ୍ୱାରା ଟଣା ଯାଉଥିବା ଯୁଦ୍ଧ ଜାହାଜ ବିଷୟରେ କହୁଛନ୍ତି । ସେ ଆମକୁ ସେହି ଶତ୍ରୁ ଶୟତାନର ଏକ ଚିତ୍ର ପ୍ରଦାନ କରିଛନ୍ତି, ଯିଏ ଗଭୀର ଜଳ ମଧ୍ୟରେ ପହଁରୁ ଥିବା ଲୋକମାନଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରେ । ପୁଣି ଏହା ଏକ ସଂପୂର୍ଣ୍ଣ ବିଶୃଙ୍ଖଳାର ଏକ ଚିତ୍ର ଅଟେ ।

ଈଶ୍ୱର ଏହି ଅନୁଚ୍ଛେଦରେ ଆମକୁ ସ୍ପଷ୍ଟ ଭାବରେ ଜଣାଇ ଅଛନ୍ତି ଯେ ତାଙ୍କର ଜୀବନଦାୟକ ଜଳ ନିକଟକୁ ଶୟତାନ ପହଞ୍ଚିପାରେ ନାହିଁ । ''ମୋ' ପ୍ରାଣର ଅନ୍ୱେଷଣକାରୀମାନେ ଲଜ୍ଜିତ ଓ ଅପମାନିତ ହୁଅନ୍ତୁ, ମୋହର ଅନିଷ୍ଟଚିନ୍ତକମାନେ ବିମୁଖ ଓ ଘାବରା ହୁଅନ୍ତୁ ... ସଦାପ୍ରଭୁଙ୍କ ଦୂତ ସେମାନଙ୍କୁ ଘଉଡ଼ାଇ ଦିଅନ୍ତୁ । ସେମାନଙ୍କ ପଥ ଅନ୍ଧକାରମୟ ଓ ଖସଡ଼ା ହେଉ, ପୁଣି ସଦାପ୍ରଭୁଙ୍କ ଦୂତ ସେମାନଙ୍କ ପଛେ ଗୋଡ଼ାଉନ୍ତୁ'' (ଗୀତ ୩୫:୪-୬) ।

## ଆତ୍ମିକ ମୃତ୍ୟୁରୁ ପୁନର୍ଜୀବିତ

''ପୁଣି ଏହି ନଦୀ ସବୁ ଯେ ସକଳ ସ୍ଥାନ ଦେଇ ବହିବ, ସେ ସ୍ଥାନସ୍ଥିତ ବହୁସଂଖ୍ୟକ ଜୀବ ଜନ୍ତୁ ସବୁ ବଞ୍ଚିବେ'' (ଯିହିଜିକଲ ୪୭:୯) ।

ଯେତେବେଳେ ଯିହିଜିକଲ ନଦୀ କୂଳକୁ ଫେରି ଆସିଲେ, ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇଗଲେ । ସେ ପଛକୁ ଚାହିଁ ନଦୀର ଉଭୟ କୂଳରେ ''ଅନେକ ଅନେକ ବୃକ୍ଷ'' ଦେଖିଲେ । ଏହି ବୃକ୍ଷଗୁଡ଼ିକ ପ୍ରବାହିତ

ଜଳ ଯୋଗୁ ଜୀବନ ପାଇଥିଲେ । ସେଗୁଡ଼ିକରେ ଆଦୌ ମଳିନ ହେଉ ନ ଥିବା ପତ୍ର ଓ ଆରୋଗ୍ୟଦାୟକ ଫଳ ରହିଥିଲା । ଏହି ଉଚ୍ଚ ଉଚ୍ଚ ଫଳଦାୟୀ ବୃକ୍ଷଗୁଡ଼ିକର ପ୍ରତ୍ୟେକ ସ୍ଥାନରେ ଜୀବନ ଉଚ୍ଛୁଳି ଉଠୁଥିଲା ।

ହଁ, ଈଶ୍ୱରଙ୍କ ନଦୀ ଯେଉଁ ସ୍ଥାନକୁ ଯିବ, ସେଠାରେ ଜୀବନ ଉତ୍ପନ୍ନ କରିବ । ମାତ୍ର ଏହି ଶେଷ ଦିନ ଗୁଡ଼ିକରେ, ଆମେ ସମରୂପୀ ମୃତ୍ୟୁର ବନ୍ୟ ମଧ ଦେଖିବୁ : ଲକ୍ଷ ଲକ୍ଷ ଲୋକ ଭୟଙ୍କର ରୋଗରେ ମୃତ୍ୟୁବରଣ କରିବେ, ଅନେକେ ପ୍ରେମ ଶୂନ୍ୟ ମଧ ହେବେ । ଯୀଶୁ କହିଥିଲେ, ''ଅଧିକାଂଶ ଲୋକଙ୍କର ପ୍ରେମ ଶୀତଳ ହୋଇଯିବ'' (ମାଥିଉ ୨୪:୧୨) ।

ପାଉଲ ଯୋଗ କରିଛନ୍ତି ଯେ ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନକୁ ଉପହାସ କରୁଥିବା କେତେକ ପରିହାସକ ଦେଖା ଦେବେ । ସେମାନେ ଖ୍ରୀଷ୍ଟଙ୍କ ଆଗମନକୁ ଅପେକ୍ଷା କରୁଥିବା ସାଧୁମାନଙ୍କର ଆଶାକୁ ବିନଷ୍ଟ କରିବେ । ସେମାନଙ୍କ ପରିହାସ ଯୋଗୁ ନୈତିକତା ମୃତ୍ୟୁବରଣ କରିବ ଓ ପାପ ପ୍ରଚୁର ହେବ ।

ଭଣ୍ଡ ଭାବବାଦୀମାନେ ମୃତ୍ୟୁଦାୟକ ଶିକ୍ଷା ପ୍ରସାର କରିବେ । ''...ଦୁଷ୍ଟ ଲୋକମାନେ ଓ ପ୍ରବଞ୍ଚକମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ପାପ କରିବେ'' (୨ ତୀମଥି ୩:୧୩) । ବର୍ତ୍ତମାନ ସୁଦ୍ଧା ଆତ୍ମିକ ମୃତ୍ୟୁ ଧର୍ମଚ୍ୟୁତ ମଣ୍ଡଳୀ ମଧ୍ୟରେ ବ୍ୟାପିଯାଇଅଛି ।

ତଥାପି ଆମେ ଦେଖୁଥିବା ସମସ୍ତ ମୃତ୍ୟୁ ଓ ବିନାଶ ମଧ୍ୟରେ, ମୁଁ ମୋ' ପ୍ରାଣରେ ପ୍ରଭୁଙ୍କ ଭାବବାଣୀର ଗର୍ଜ୍ଜନ ଶୁଣୁଅଛି । ''ମୋର ନଦୀ ସ୍ଫୀତ ହେବାକୁ ଯାଉଛି । ପୁଣି ମୋର ନଦୀ ଯେଉଁ ଯେଉଁ ସ୍ଥାନରେ ପ୍ରବାହିତ ହେବ, ସେହି ସ୍ଥାନରେ ସମସ୍ତ ବିଷୟ ଜୀବିତ ହେବ ।''

ଆପଣଙ୍କ ଗୃହ ବିଷୟରେ କ'ଣ କୁହାଯିବ ? ଆପଣଙ୍କ ପରିବାରରେ ବିଶୃଙ୍ଖଳା ଅଛି କି ? ଆପଣ ଆପଣଙ୍କ ପ୍ରିୟଜନମାନଙ୍କ ମଧ୍ୟରେ ମୃତ୍ୟୁର ଧ୍ୱଂସଲୀଳା ଦେଖୁଛନ୍ତି କି ? ଆମ ପରମ ଧନ୍ୟ ପ୍ରଭୁଙ୍କର ଏହି ପ୍ରତିଜ୍ଞାକୁ ଧରି ରଖନ୍ତୁ : ''ସେମାନେ ସୁସ୍ଥ ହେବେ ଓ ଯେଉଁ ସ୍ଥାନରେ ନଦୀ ପ୍ରବାହିତ ହେବ, ସେ ସ୍ଥାନରେ ପ୍ରତ୍ୟେକ ବିଷୟ ଜୀବିତ ହେବ ।''

ପ୍ରଭୁ କିପରି ଏହିସବୁ କରିବେ, ତାହା ଆପଣ ଜାଣନ୍ତି ନାହିଁ । ମାତ୍ର ନଦୀ ସ୍ଫୀତ ହେବ ଓ ଏହା ଯାହାକୁ ସ୍ପର୍ଶ କରିବ, ତାହା ଜୀବିତ ହେବ ବୋଲି ଯଦି ସେ କହିଛନ୍ତି, ତେବେ ଆମକୁ ତାହା ବିଶ୍ୱାସ କରିବାକୁ ହେବ । ନିଶ୍ଚୟ ସେ ଏହା କରିବେ ।

## କେତେକ ବିଷୟକୁ ଛାଡ଼ି ଦିଆଯିବ

ଯେଉଁମାନେ ଏହି ଆଶ୍ଚର୍ଯ୍ୟଜନକ ନଦୀ ପୁନର୍ଜାଗରଣରୁ ଅବଶିଷ୍ଟ ରହିଯିବେ, ସେମାନଙ୍କୁ ''ଲବଣ ଦିଆଯିବ ।'' ''ମାତ୍ର ତହିଁର ପଙ୍କ ସ୍ଥାନ ଓ ଝିଲ ଭୂମି ସକଳ ଉତ୍ତମ ହେବ ନାହିଁ, ସେସବୁ ଲବଣ ପାଇଁ ସମର୍ପିତ ହେବ'' (ଯିହିଜିକଲ ୪୭:୧୧) । ଯିହିଜିକଲ କର୍ଦ୍ଦମାୟୁକ୍ତ ଜଳାଧାରାକୁ ଆବର୍ଜ୍ଜନା ଓ ପଙ୍କରେ ପରିପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ । ନଦୀ ଏହିସବୁ ପଙ୍କିଳ ସ୍ଥାନ ମଧ ଦେଇ ପ୍ରବାହିତ ହେବା ସମୟରେ, ସେଗୁଡ଼ିକ ସୁସ୍ଥ ହୋଇ ନ ଥିଲେ । ଶେଷରେ, ନଦୀ ସେଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଅତିକ୍ରମ କରିବା ପରେ ସେଗୁଡ଼ିକ ଏତେ ଶୁଷ୍କ ହୋଇଥିଲେ ଯେ ସେଗୁଡ଼ିକ ଲବଣରେ ପରିଣତ ହୋଇଥିଲେ ।

ପୁରାତନ ନିୟମରେ, ଲବଣ ବିଦ୍ରୋହ ଓ ଅନୁର୍ବରତାର ଏକ ପ୍ରତୀକ ଅଟେ । ଏଠାରେ ଯିହିଜିକଲ ବର୍ଣ୍ଣନା କରିଥିବା ଲବଣ ସ୍ଥାନଗୁଡ଼ିକ ଈଶ୍ୱରଙ୍କର ସେହି ଲୋକମାନଙ୍କର ପ୍ରତିନିଧିତ୍ୱ କରେ, ଯେଉଁମାନେ ଗଭୀରତା ଅନୁଭବ କଲେ ସୁଦ୍ଧା ପରିବର୍ତ୍ତିତ ହୁଅନ୍ତି ନାହିଁ । ଏହି ପ୍ରକାର ଲୋକମାନେ ପାପ ଓ ମୃତ୍ୟୁ ଯୋଗୁ କ୍ରନ୍ଦନ କରନ୍ତି, ମାତ୍ର ଈଶ୍ୱରଙ୍କ ଜୀବନ ଅନ୍ୱେଷଣ କରିବା ପାଇଁ ତାଙ୍କ ବାକ୍ୟ ପାଳନ କରନ୍ତି ନାହିଁ । ସେମାନେ ପରିବର୍ତ୍ତିତ ହେବା ପାଇଁ ପ୍ରତିଜ୍ଞା ଓ ସଂକଳ୍ପ କରନ୍ତି, ମାତ୍ର ସେଗୁଡ଼ିକୁ ପାଳନ କରନ୍ତି ନାହିଁ । ଯିଶାଇୟ ଏହାକୁ ପ୍ରତିନିଧିତ୍ୱ କରି ଲେଖିଛନ୍ତି, ''ମାତ୍ର ଦୁଷ୍ଟମାନେ ତରଙ୍ଗିତ ସମୁଦ୍ର ତୁଲ୍ୟ, କାରଣ ତାହା ସ୍ଥିର ହୋଇପାରେ ନାହିଁ ଓ ତହିଁର ଜଳରେ ପଙ୍କ ଓ କାଦୁଅ ଉଠେ'' (ଯିଶାଇୟ ୫୭:୨୦) ।

ଏହି ଲୋକମାନେ ପ୍ରକାଶ୍ୟରେ ନିଜ ନିଜକୁ ଖ୍ରୀଷ୍ଟିଆନ ବୋଲି କହନ୍ତି । ପୁଣି ସେମାନେ ବହୁଳ ଭାବରେ ଧାର୍ମିକତାର ନିନ୍ଦା ପାଇଥାନ୍ତି । ପବିତ୍ର ଆତ୍ମା ସେମାନଙ୍କ ପ୍ରାଣର ଗଭୀରତାକୁ ମୂଲ୍ୟବାନ୍ ମନେକରି ପ୍ରରୋଚିତ କରିବାକୁ ଚେଷ୍ଟା କରିଥାନ୍ତି । ମାତ୍ର ସେମାନେ ଅପରିବର୍ତ୍ତନୀୟ ରହନ୍ତି । ସେମାନେ ଜୀବନଦାୟକ ନଦୀ ଭିତରେ ଠିଆ ହୋଇଥାନ୍ତି, ମାତ୍ର ସେମାନେ ସେମାନଙ୍କର ଆଭ୍ୟନ୍ତରୀଣ ସତ୍ତାକୁ ସ୍ପର୍ଶ କରିବା ପାଇଁ ଏହାକୁ ଅନୁମତି ଦିଅନ୍ତି ନାହିଁ ।

ଏହା ଫଳରେ ଯୀଶୁଙ୍କର ଜୀବନ ସେମାନଙ୍କ ମଧ୍ୟରୁ ନିର୍ଗତ ହୁଏ ନାହିଁ । ଏହା ପରିବର୍ତ୍ତେ, ସେମାନଙ୍କ ଉଦର ମଧ୍ୟରୁ କୁତ୍ସାରଟନା, ତୋଷାମଦ, ମିଥ୍ୟା ଓ ବିକୃତି ରୂପକ ଏକ ସ୍ଥିର ସ୍ରୋତ ଉଚ୍ଛୁଳି ଉଠେ । ଏହାର ବିପରୀତରେ, ସେମାନଙ୍କ ଚତୁଃପାର୍ଶ୍ୱସ୍ଥ ପ୍ରତ୍ୟେକ ବିଷୟକୁ କଳହ ଓ ତିକ୍ତତା ସ୍ପର୍ଶ କରେ । ସେମାନେ ଆତ୍ମ-ଅନୁକମ୍ପାରେ ପୂର୍ଣ୍ଣ ହୁଅନ୍ତି । ସେମାନେ ନିରନ୍ତର ଅଭିଯୋଗ କରନ୍ତି ଓ ଅନ୍ୟମାନଙ୍କଠାରେ ଚାଲିଥିବା ଈଶ୍ୱରଙ୍କ କାର୍ଯ୍ୟକୁ ସନ୍ଦେହ କରନ୍ତି । ସେମାନେ ଜୀବନକୁ ସ୍ୱୀକାର କରନ୍ତି, ମାତ୍ର ଆବର୍ଜ୍ଜନାରେ ଦୂଷିତ ହୁଅନ୍ତି । ସେମାନେ ସେମାନଙ୍କ ଚତୁର୍ଦ୍ଦିଗସ୍ଥିତ ଲୋକମାନଙ୍କ ପ୍ରତି ମୃତ୍ୟୁ ପ୍ରସାର କରୁଥିବା ଆତ୍ମିକ ଅନୁକରଣକାରୀ ଅଟନ୍ତି ।

ପିତରଙ୍କ ଭାଷାରେ, ସେମାନେ ''ଜଳବିହୀନ କୂପ''ରେ ପରିଣତ ହୋଇଥାନ୍ତି (୨ ପିତର ୨:୧୭) । ଯିହିଜିକଲଙ୍କ ଅନୁସାରେ, ''ସେମାନେ ଲବଣ ପାଇଁ ସମର୍ପିତ ହେବେ ।'' ଏହା ଅନୁର୍ବରତାର, ଫଳବିହୀନ ଏକ ଜୀବନର, ସଂପୂର୍ଣ୍ଣ ଅନୁପଯୋଗୀ ହେବାର ଗୋଟିଏ ଅଭିଶାପ ଅଟେ । ତଥାପି ସେମାନେ ସେମାନଙ୍କ ବିଦ୍ରୋହରେ, ବିନାଶକାରୀ ଅହଙ୍କାରରେ ପରିପୂର୍ଣ୍ଣ ହୋଇ ଦୃଢ଼ ଭାବରେ ଠିଆ ହୁଅନ୍ତି ।

ଦୁଃଖଦ ଭାବରେ, ଈଶ୍ୱର ତାଙ୍କର ଜୀବନଦାୟକ ନଦୀକୁ ସେମାନଙ୍କ ଚତୁର୍ଦ୍ଦିଗରେ ସଂପୂର୍ଣ୍ଣ ଭାବରେ ବକ୍ର କରି ପ୍ରବାହିତ କରାଇବେ । ଶେଷରେ ସେମାନେ ନିଜ ନିଜକୁ ଯେଉଁ ବିପଦ ମଧ୍ୟରେ ରଖିଥାନ୍ତି, ତା' ପ୍ରତି ଅନ୍ଧ ଓ ଅଚେତନ ହେବେ । ପୁଣି ପବିତ୍ର ଆତ୍ମା ସେମାନଙ୍କଠାରୁ ବାହାରି ଯିବେ ଓ ସେମାନଙ୍କ ଚତୁର୍ଦ୍ଦିଗରେ ବିନାଶ ପତିତ ହେବା ସମୟରେ ସେମାନେ ପ୍ରବଞ୍ଚିତ ହୋଇ ''ଶାନ୍ତି, ଶାନ୍ତି'' ବୋଲି କ୍ରନ୍ଦନ କରିବେ ।

ଯିହିଜିକଲ ମୃତ୍ୟୁର ଏହି ସ୍ଥାନଗୁଡ଼ିକୁ ଦେଖି ବିଶ୍ୱାସ କରିପାରି ନ ଥିବେ । ନଦୀ ଯେଉଁ ଯେଉଁ ସ୍ଥାନରେ ପ୍ରବାହିତ ହେଉଥିଲା, ତା'ର ଉଭୟ ପାର୍ଶ୍ୱରେ ଜୀବନ ଉଚ୍ଛୁଳି ଉଠୁଥିବାର ସେ ଦେଖିଥିଲେ । ମାତ୍ର ମୃତ୍ୟୁର ସେହି ସ୍ଥାନଗୁଡ଼ିକ ଅନୁର୍ବର ଓ ଶୁଷ୍କତାରେ ଶ୍ୱେତବର୍ଣ୍ଣ ଧାରଣ କରିଥିଲା ।

ଖ୍ରୀଷ୍ଟଙ୍କର ଜଣେ ଅନୁଗାମୀ କିପରି ଏହି ପ୍ରକାର ଏକ ପରିସ୍ଥିତିକୁ ଆସିପାରେ ? କୌଣସି ଦାସ କିପରି ଏତେ ଶୂନ୍ୟ, ଶୁଷ୍କ ଓ ତାଙ୍କ ଜୀବନ-ଦାୟକ ନଦୀରୁ ବିଚ୍ଛିନ୍ନ ହୋଇପାରେ । ପିତର ବୁଝାଇଛନ୍ତି :

"... ବିଶେଷତଃ, ଯେଉଁମାନେ ଶରୀରର କୁତ୍ସିତ କାମାଭିଳାଷରେ ଚାଳିତ ହୋଇ ପ୍ରଭୁତ୍ୱ ଅବଜ୍ଞା କରନ୍ତି ... ସେମାନେ ଦୁଃସାହସ ଓ ସ୍ୱେଚ୍ଛାଚାରୀ ହୋଇ ଅଲୌକିକ ଶକ୍ତିମାନଙ୍କର ନିନ୍ଦା କରିବାକୁ ଭୟ କରନ୍ତି ନାହିଁ । ... ସେମାନେ ପୁନର୍ବାର ସେଥିର ବନ୍ଧନରେ ଆବଦ୍ଧ ହୋଇ ପରାସ୍ତ ହୁଅନ୍ତି, ତାହା ହେଲେ ସେମାନଙ୍କ ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ ମନ୍ଦ ହୁଏ, କାରଣ ଧାର୍ମିକତାର ମାର୍ଗ ଜାଣି ସେମାନେ ଆପଣାମାନଙ୍କ ନିକଟରେ ସମର୍ପିତ ପବିତ୍ର ଆଜ୍ଞାରୁ ବିମୁଖ ହୋଇଥିଲେ..." (୨ ପିତର ୨:୧୦-୨୧) ।

ଏହି ଦୁଃଖଦ ବିଷୟର ସର୍ବାଧିକ ଦୁଃଖଦ ଅଂଶ ହେଉଛି - ଏହି ଶୁଷ୍କ କୂପଗୁଡ଼ିକ ମଧ୍ୟରୁ ଅଧିକାଂଶ ଦିନେ ଜୀବନଦାୟକ ଜଳର ନିର୍ଝର ଥିଲେ । ଏକଦା ସେମାନଙ୍କର ଜୀବନ ସୁସ୍ଥତା ଓ ଆଶୀର୍ବାଦ ଉତ୍ପନ୍ନ କରୁଥିଲା । ମାତ୍ର ବର୍ତ୍ତମାନ ସେମାନେ ତିକ୍ତତା, ଘୃଣା ଓ ମୃତ୍ୟୁ ନିର୍ଗତ କରୁଥିଲେ ।

ଯଦି ଆପଣଙ୍କ ଚତୁର୍ଦ୍ଦିଗରେ ନଦୀ ପ୍ରବାହିତ ହେଉଥିଲେ ସୁଦ୍ଧା ଆପଣ ଦୃଢ଼ ତିକ୍ତତା ଦ୍ୱାରା ଧୃତ ହୋଇଛନ୍ତି, ତେବେ ତାହାକୁ ଅବ୍ୟାହତ ରଖନ୍ତୁ ନାହିଁ । ଏହା ପରିବର୍ତ୍ତେ, ଈଶ୍ୱର ଆପଣଙ୍କ ଉଦରକୁ ତାଙ୍କ ଜୀବନଦାୟକ ଜଳରେ ପରିପୂର୍ଣ୍ଣ କରନ୍ତୁ । ଆପଣ ଏହା ଉପଲବ୍ଧି କରନ୍ତି ନାହିଁ, ମାତ୍ର ଆମ ପ୍ରଭୁଙ୍କର ବହୁଳ ପ୍ରତ୍ୟାଦେଶ ପଥ ମଧ୍ୟରେ ରହିଅଛି । ପୁଣି ଏହା ଯେ କୌଣସି ପ୍ରାଣୀକୁ ଯୋଗାଇବା ବନ୍ଦ କରିବ ନାହିଁ ।

ସେଥିପାଇଁ, ଆପଣ ଯିହିଜିକଲଙ୍କୁ ପ୍ରଦତ୍ତ ଦର୍ଶନର ଗୁରୁତ୍ୱକୁ ବୁଝୁଛନ୍ତି କି ? ପୁରାତନ ନିୟମର ଭାବବାଦୀମାନେ ଏହାକୁ ଦେଖିପାରି ନ ଥିଲେ । ମାତ୍ର ତାଙ୍କ ପବିତ୍ର ଆତ୍ମାଙ୍କ ମାଧ୍ୟମରେ ତାଙ୍କର ଅତ୍ୟଧିକ ମହାନତା ଦେଖିବା ପାଇଁ ଈଶ୍ୱର ଆମକୁ ଚକ୍ଷୁ ପ୍ରଦାନ କରିଛନ୍ତି । ସେଥିପାଇଁ ଦେଖନ୍ତୁ : ଏକ ଜୀବନଦାୟକ ନଦୀ ଆସୁଅଛି !


## ଆବଶ୍ୟକ

**ଆମେ ଇଂରାଜୀ କିମ୍ବା ହିନ୍ଦୀ କିମ୍ବା ଉଭୟ ଭାଷାରେ କମ୍ପ୍ୟୁଟର ପରିଚାଳନା ପାଇଁ ଦକ୍ଷ ଥିବା ଲୋକମାନଙ୍କୁ ଆବଶ୍ୟକ କରୁଅଛୁ । କାର୍ଯ୍ୟର ସ୍ଥାନ - ଚେନ୍ନାଇ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ । ମାସିକ ଦରମା ଯୋଗାଇ ଦିଆଯିବ । ଆମ ସହିତ ଯୋଗାଯୋଗ କରନ୍ତୁ ।**

**ସଂପାଦକ**

# NEHEMIAH BIBLE COLLEGES

**ECHO OF HIS CALL MINISTRIES** (ESTD.: 1969)

**Affiliated to Hindustan Bible Institute & College (HBI), Chennai**

**&**

**Recognised by the International Christian Leaders & Senior Pastors for the 50 Years! Hundreds of candidates benefitted!!**

**RESIDENTIAL COLLEGE, Velachery**
**(Medium: English & Hindi)**
Course : Diploma in Theology,
Qualification : 10th Standard
Period : One year (with field and administrative trainings)

Golden Opportunity!
Don't miss!!
God is Calling you!!!

**EVENING COLLEGE, Chepauk & Santhoshapuram**
**(Medium : Tamil)**
Course : Diploma in Theology
*Monday, Tuesday & Thursday 6.30 PM to 8.30 PM*
(Evening Classes - Chepauk)
Qualification : 10th Standard
Period : One year (with special Seminars on holidays)

**Pastor S. Sam Selva Raj, Founder-President**

**For more details & application forms please contact :**
NEHEMIAH BIBLE COLLEGES
10, Mohammed Abdullah 2nd Street, Bells Road, Opp. Cricket Stadium, Chepauk, Chennai - 600 005, India.
**Phone : (+91-44) 2852 8282, 2852 9293, 2854 7766, Cell No : (+91) 98410 71852, 95661 31858**
**E.mail : sam@echoofhiscall.org / biblecor@yahoo.co.in Websites : www.echoofhiscall.org / www.echoofhiscall.com**



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

**''ଯେପରି ଉତ୍କ୍ରୋଶ ପକ୍ଷୀ ଆପଣା ବସାକୁ ଉତ୍ତେଜିତ କରେ, ଛୁଆମାନଙ୍କ ଉପରେ ପକ୍ଷ ଧଡ଼ ଧଡ଼ କରେ, (ସେପରି) ସେ ଆପଣା ପକ୍ଷ ବିସ୍ତାର କଲେ, ସେ ସେମାନଙ୍କୁ ତୋଳି ନେଲେ, ସେ ଆପଣା ଡେଣାରେ ସେମାନଙ୍କୁ ବହିଲେ'' (ଦ୍ୱି.ବିବରଣ ୩୨:୧୧) ।**

ମୋର ସେବାକାର୍ଯ୍ୟର ପ୍ରାରମ୍ଭିକ ଦିନଗୁଡ଼ିକରେ, ମୁଁ ବ୍ୟକ୍ତିଗତ ଭାବରେ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥିଲି । ଶୟତାନ ମୋର ଜୀବନକୁ ଆକ୍ରମଣ କରିବା ପାଇଁ ମୋର ସମସ୍ତ ପରିବେଶ, ବନ୍ଧୁ, ଆତ୍ମିୟ, ଇତ୍ୟାଦିଙ୍କୁ ବ୍ୟବହାର କରୁଥିଲା । ମାତ୍ର ମୋର ସମସ୍ତ ପ୍ରତିକୂଳ ପରିସ୍ଥିତିରେ, ମୁଁ ମୋ' ଜୀବନ ଉପରେ ଈଶ୍ୱରଙ୍କ ହସ୍ତ ଦେଖିବା ପାଇଁ ସମର୍ଥ ଥିଲି ।

ରାଜନୈତିକ ଓ ଧର୍ମୀୟ ପରିସ୍ଥିତି ଯୋଗୁ, ମୁଁ ଚେନ୍ନାଇ ସହରର ଗୋଟିଏ ସ୍ଥାନରେ ମୋର ଆତ୍ମିକ କାର୍ଯ୍ୟକଳାପ ଚଳାଇବା ପାଇଁ ଅନୁମତି ପାଇ ନ ଥିଲି କାରଣ ଜଣେ ଏକୁଟିଆ ବ୍ୟକ୍ତି ଓ ଅର୍ଥନୈତିକ ଭାବରେ ଅତି ଦରିଦ୍ର ବୋଲି ପରିଚିତ ଥିଲି । ମୋତେ ଅତି ଅକଥନୀୟ ଚାପ ଓ କ୍ଳେଶର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଗୋଟିଏ ପକ୍ଷରେ, ମୋତେ ସେବାକାର୍ଯ୍ୟରେ ଅଗ୍ରସର ହେବାକୁ ଥିଲା ଓ ଅନ୍ୟ ପକ୍ଷରେ, ମୋ' ପରି ଜଣେ ଯୁବକ ପାଇଁ ସମସ୍ୟା ଓ କଷ୍ଟ ଅତ୍ୟଧିକ ଥିଲା ।

ଏହି ପରିସ୍ଥିତିରେ, ଈଶ୍ୱର ମୋ' ଜୀବନରେ ଶ୍ରୀଯୁକ୍ତ ଜେ.ଆର୍ ସୌନ୍ଦରରାଜ ନାମକ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଆଣିଲେ । ସେ ଅତି ଉତ୍ତମ, ପ୍ରେମଶୀଳ ଓ ଯତ୍ନଶୀଳ ବ୍ୟକ୍ତି ଥିଲେ । ସେ ଦୁଇ ଦିନରେ ଥରେ ମୋତେ ସାକ୍ଷାତ୍ କରୁଥିଲେ, ମୋ' ସହିତ ପ୍ରାର୍ଥନା କରୁଥିଲେ, ମୋତେ ପରାମର୍ଶ ଦେଉଥିଲେ, ଉତ୍ସାହିତ କରୁଥିଲେ ଓ ସହାୟତା ପ୍ରଦାନ କରୁଥିଲେ । ପ୍ରଭୁଙ୍କ ପ୍ରତି ଓ ତାଙ୍କ ସନ୍ତାନମାନଙ୍କ ପ୍ରତି ଥିବା ତାଙ୍କର ପ୍ରେମକୁ ବିଚାର କରି, ମୁଁ ପ୍ରାୟ ପ୍ରତ୍ୟେକ ବିଷୟ ପାଇଁ ତାଙ୍କ ଉପରେ ନିର୍ଭର କରୁଥିଲି । ତାଙ୍କର ଜଣେ ପ୍ରିୟ ପତ୍ନୀ ଓ ସନ୍ତାନସନ୍ତତି ସହିତ ଏକ ସୁନ୍ଦର ପରିବାର ଥିଲା । ସେ ନିଜର ସନ୍ତାନମାନଙ୍କୁ ଈଶ୍ୱରଙ୍କ ମାର୍ଗରେ ବୃଦ୍ଧି କରାଇ ପାରିଥିଲେ । ସେ ନିଜେ ଜଣେ ଜୀବନ୍ତ ସାକ୍ଷୀ ବୋଲି ପ୍ରମାଣ କରିଥିଲେ । ମୁଁ ତାଙ୍କ ପ୍ରେମ ଓ ଯତ୍ନ ସହିତ ତାଙ୍କ ସହଭାଗିତା ପାଇଁ ଖୁସି ଥିଲି ।

ହଠାତ୍ ସେ ଅସୁସ୍ଥ ହୋଇ ପ୍ରଭୁଙ୍କ କୋଳକୁ ଚାଲିଗଲେ । ମୁଁ ପୁନର୍ବାର ଏକାକୀ ହୋଇଗଲି । ସେହି ସମୟରେ ମୋର କେହି ପ୍ରକୃତ ବନ୍ଧୁ ନ ଥିଲେ । ମୁଁ ଅନେକ ଦିନ ପର୍ଯ୍ୟନ୍ତ ତାଙ୍କ ନିମନ୍ତେ ଶୋକ କରିଥିଲି ।

ଦିନେ ଯେତେବେଳେ ମୁଁ ଅତ୍ୟଧିକ ବୋଝର ସହିତ ପ୍ରାର୍ଥନା କରୁଥିଲି, ସେତେବେଳେ ପ୍ରଭୁ ମୋତେ ତାଙ୍କ ଶକ୍ତି ଦ୍ୱାରା ଉତ୍ସାହିତ କରି ତୋଳି ଧରିଥିଲେ ଓ ତାଙ୍କ ଉପରେ କିପରି ସମସ୍ତ ଭାର ନ୍ୟସ୍ତ କରିବାକୁ ହୁଏ, ତାହା ମୋତେ ଶିକ୍ଷା ଦେଇଥିଲେ (୧ ପିତର ୫:୭, ଫିଲିପ୍ପୀୟ ୬:୭, ଗୀତ ୫୫:୨୨) । ମୁଁ ଅନେକ ଥର ଏହି ବିଷୟ ପ୍ରଚାର କରିଥିଲି, ମାତ୍ର ଆବଶ୍ୟକ ସମୟରେ ମୁଁ ଏହାକୁ ମୋ' ନିଜସ୍ୱ ଜୀବନରେ କାର୍ଯ୍ୟକାରୀ କରିପାରି ନ ଥିଲି ।

ସେଥିପାଇଁ, ମୁଁ ଗୋଟିଏ ସଂପୂର୍ଣ୍ଣ ଦିନ ଓ ରାତି ପ୍ରଭୁଙ୍କ ସମ୍ମୁଖରେ ବସି ରହିଲି ଓ ତାଙ୍କ ଉପରେ କିପରି ମୋର ସମସ୍ତ ଭାର ନ୍ୟସ୍ତ କରିବି, ତାହା ମୋତେ ଶିକ୍ଷା ଦେବା ପାଇଁ ପ୍ରାର୍ଥନା କଲି । ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଓ ପ୍ରଶଂସା କରୁଛି, ସେ ମୋତେ ଏପରି ଏକ ବିଶେଷ ଶକ୍ତି ଦେଇଥିଲେ ଯାହା ଅକଥନୀୟ ଓ ଅବର୍ଣ୍ଣନୀୟ ଥିଲା । ସେ ମୋର ଉତ୍ତମ ବନ୍ଧୁ, ପରାମର୍ଶ ଦାତା ଓ ଯୋଗାଣକର୍ତ୍ତା ହୋଇଥିଲେ । ଅନେକ ବର୍ଷ ବିତିଯାଇଛି, ମାତ୍ର ସେହି ନିର୍ଦ୍ଦିଷ୍ଟ ଦିବସରେ, ମୁଁ ଯେଉଁ ଆତ୍ମିକ ଶକ୍ତି ପାଇଥିଲି, ତାହା ଏପର୍ଯ୍ୟନ୍ତ ମୋ' ଜୀବନକୁ ନିୟନ୍ତ୍ରଣ କରୁଅଛି । ''ଯଦିଓ ସେ ପତିତ ହେବ, ତଥାପି ସେ ସଂପୂର୍ଣ୍ଣ ଭାବରେ ଧରାଶାୟୀ ହେବ ନାହିଁ, କାରଣ ପ୍ରଭୁ ତାହାକୁ ସ୍ୱହସ୍ତରେ ଧରି ରଖନ୍ତି (ଗୀତ ୩୭:୨୪) । ବର୍ତ୍ତମାନ ମୁଁ ମୋର ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର ତରଙ୍ଗ ଓ ଜୁଆରର ସମ୍ମୁଖୀନ ହେବା ପାଇଁ ସମର୍ଥ ଅଟେ ।

ପ୍ରିୟ ବନ୍ଧୁ, ଆପଣ ନିଜ ଜୀବନରେ କିଛି ହରାଇଥିବାରୁ ଅସୁରକ୍ଷିତ ଅନୁଭବ କରୁଛନ୍ତି କି ? ଆପଣ ନିଜର ବର୍ତ୍ତମାନର ସ୍ଥିତି ପାଇଁ ଚିନ୍ତିତ ଅଛନ୍ତି କି ? ଯଦି ଆପଣଙ୍କର ପଦକ୍ଷେପ ଗୁଡ଼ିକ ପ୍ରଭୁଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଅଛି, ତେବେ ସେ ନିଶ୍ଚୟ ଆପଣଙ୍କ ମାର୍ଗରେ ଆପଣଙ୍କୁ ଆନନ୍ଦିତ କରିବେ (ଗୀତ ୩୭:୨୩) ।


**ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ବିଜ୍ଞାପନ ଦର**

| ଆକାର | ପ୍ରତ୍ୟେକ ଭାଷାରେ | ୧୬ଟି ଭାଷାରେ |
|---|---|---|
| ୧/୪ ପୃଷ୍ଠା | ଟ.୨,୦୦୦ | ଟ. ୩୦,୦୦୦ |
| ଅଧାପୃଷ୍ଠା | ଟ.୩,୫୦୦ | ଟ. ୫୦,୦୦୦ |
| ପୁରା ପୃଷ୍ଠା | ଟ. ୫,୦୦୦ | ଟ, ୭୦,୦୦୦ |

**ବାଇବଲ କୋର୍**

**ଚିଠିପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ**

ଆମେ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ନୂତନ ଖ୍ରୀଷ୍ଟିଆନମାନଙ୍କୁ ବାଇବଲ ମୌଳିକ ତଥ୍ୟ ସମ୍ବନ୍ଧରେ ଡାକଯୋଗେ ପାଠକ୍ରମ ଯୋଗାଇ ଦେଉଅଛୁ । ଆପଣମାନେ ''ଆପଣମାନଙ୍କ ନିମନ୍ତେ ନୂତନ ଜୀବନ'' ନାମକ ଏକ ୭୦ ପୃଷ୍ଠା ବିଶିଷ୍ଟ ପାଠ୍ୟ ପୁସ୍ତକ ପାଇବେ । ଏହି ପାଠ୍ୟକ୍ରମ ଶେଷ ହେବାପରେ ଗୋଟିଏ ପ୍ରମାଣ ପତ୍ର ମଧ୍ୟ ପାଇବେ । ଏଥିପାଇଁ କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଏହି ପାଠ୍ୟକ୍ରମଟି କେବଳ ଭାରତରେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ।

**ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ**

ଆପଣ ଅଳ୍ପ ସପ୍ତାହ ମାଧ୍ୟମରେ ଡାକଦ୍ୱାରା ଇଂରାଜୀ ଓ ତାମିଲରେ ଥିଓଲୋଜି ଅଧ୍ୟୟନ କରିପାରିବେ ଓ ଜଣେ ଆତ୍ମିକ ସେବକ ହୋଇପାରିବେ । ଆପଣ ସେବାକାର୍ଯ୍ୟର ପ୍ରମାଣ ପତ୍ର ପାଇ ପାରିବେ । ପାଠ୍ୟକ୍ରମଟିର ମୂଲ୍ୟ ୫୨୦ ଟଙ୍କା ମାତ୍ର । ୧୪୨ଟି ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ ।

ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ

**Address - The Chairman, Nehemiah Bible College,**

**ECHO OF HIS CALL**

10, Mohammed Abdullah 2nd Street,Opp. Cricket Stadium, Chepauk, Chennai - 600 005, India

Phone : ( 044) 2852 8282 / 2852 9293 , Cell : 9841071852. , E-Mail : sam@echoofhiscall.org

RNI NO. 70105/98, Postal Regn. No. TN/CH (C)/198/18-20 WPP NO. TN/PMG(CCR)/WPP-265/18-20

## ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–,**

**ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ (**D.D**, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ–ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, Mohammed Abdullah 2nd Street,
Chepauk, Chennai - 600 005, India
Phone : ( +91-44) 2852 8282 / 2852 9293
Mob - 9841071852, 95661 31858
E-Mail : sam@echoofhiscall.org/
biblecor@yahoo.co.in
Website: www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ନ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

**RNI NO. 70105/98**
**Postal Regn. No. TN/CH/(C)/198/18-20**
**WPP NO. TN/PMG(CCR) / WPP- 265/18-20**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th JUNE 2020**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**